୬ ଜିମ୍ବାୱେକୁ ୭ ୱିକେଟ୍‌ରେ ହରାଇଲା ଭାରତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୭୪ ● ୨୪ ଜୁଲାଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-174 ● 24th July 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

# ଫାଷ୍ଟଟ୍ରାକ୍ କୋର୍ଟରେ ଦଣ୍ଡ ବିଧାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୩।୭**

ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ବଡ଼ ଘୋଷଣା କରିଛନ୍ତି। ଏକ୍ସରେ ମୋଦୀ ଆଶ୍ୱାସନା ଦେଇଛନ୍ତି, ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀଙ୍କ ବିଚାର ପ୍ରକ୍ରିୟା ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ। ଏଥିପାଇଁ ଖୁବଶୀଘ୍ର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରି ତ୍ୱରିତ ଶୁଣାଣି କରାଯିବ। ମୋଦୀ ଲେଖିଛନ୍ତି, 'ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ଏବଂ ଯୁବପିଢ଼ିଙ୍କ କଲ୍ୟାଣ ଓ ଭବିଷ୍ୟତ ଅପେକ୍ଷା ଅନ୍ୟ କିଛି ବି ଗୁରୁତ୍ୱପୂର୍ଣ୍ଣ ନୁହେଁ।' ଯୁବପିଢ଼ିଙ୍କ ଭବିଷ୍ୟତକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କଲେ କାହାକୁ ବି ଛଡ଼ାଯିବନି। ତେଣେ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା କିନ୍ତୁ ବିରୋଧୀଙ୍କୁ ଶାନ୍ତ କରିପାରି ନାହିଁ। ଅନ୍ୟପକ୍ଷରେ କକ୍ରୋଜ ଜନତା ପାର୍ଟି (ସିଜେପି) ଦିଲ୍ଲୀ ପରେ ଶୁକ୍ରବାର ସାରା ଦେଶରେ ଆନ୍ଦୋଳନ କରିବାକୁ ଘୋଷଣା କରିଛି।




ନିଟ୍ ପେପର ଲିକ୍ ପ୍ରତିବାଦରେ ସଂସଦ ଭବନ ଭିତରେ ଏବଂ ବାହାରେ ବିରୋଧୀ ଦଳର ବିକ୍ଷୋଭ ଓ ପ୍ରତିବାଦ ଏବଂ ଧାରଣା ଜାରି ଫଳରେ ଲଗାତାର ୪ ଦିନ ଧରି ଅଚଳାବସ୍ଥା ଲାଗି ରହିଛି। ଆନ୍ଦୋଳନକାରୀ ମୁଖ୍ୟତଃ କକ୍ରୋଜ ଜନତା ପାର୍ଟିର ନେତାମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି। ଏହାକୁ ନେଇ ବିରୋଧୀ ଓ ଶାସକ ମୁହାଁମୁହିଁ ହୋଇଛନ୍ତି। ଗୁରୁବାର ସଂସଦ ସୌସୁମୀ ଅଧିବେଶନର ଚତୁର୍ଥ ଦିନର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସଭ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ହଟ୍ଟଗୋଳ ସୃଷ୍ଟି କରିଥିଲେ। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସଭ୍ୟମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ଅଚଳାବସ୍ଥା ଜାରି ରହିବାରୁ ଗୁରୁବାର ପାଇଁ ପୁଣି ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ପରେ ଲୋକସଭାର ମକର ଦ୍ୱାର ବାହାରେ ଏକାଠି ହୋଇଥିଲେ ବିରୋଧୀ। ଅନ୍ୟପକ୍ଷରେ ଇଣ୍ଡିଆ ମେଣ୍ଟ ସଦସ୍ୟଙ୍କ ଲଗାତର ବିରୋଧକୁ କାଉଣ୍ଟର କରିବାକୁ ଆଗେଇ ଆସି ସଂସଦ ଭବନ ବାହାରେ ପାଲଟା ପ୍ରତିବାଦ କରିଥିଲେ ଏନଡିଏର ସାଂସଦଗଣ। ନିଟ୍ ପେପର ଲିକ୍ ଘଟଣାକୁ ରାଜନୈତିକ ରୂପ ଦେଉଥିବା ଅଭିଯୋଗ କରି ସେମାନେ ବିରୋଧୀଙ୍କ ବିରୋଧରେ ନାରା ଦେଇଥିଲେ।

ଏପଟେ ନିଟ୍ ପେପର ଲିକ୍ ପ୍ରତିବାଦରେ ସିଜେପିର ମୂଳ ଆନ୍ଦୋଳନ ଥମିବାର ନାଁ ନେଉନି। ଏଣେ ସିଜେପିକୁ ବିରୋଧୀ ବଳ ଦେବା ପରେ ପୁଣି ଆଲୋଚନାର ଉପକ୍ରମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ଥିବା ସିଜେପି କର୍ମକର୍ତ୍ତାଙ୍କ ସହ ଆଲୋଚନା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ବାସଭବନ ବା ଅଫିସ୍ ଆସିବାକୁ ଡାକରା ଦେଇଥିଲେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ।

## ବାହୁଡ଼ା ଯାତ୍ରା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

# ଅପରାହ୍ନ ୪ଟା ପୂର୍ବରୁ ରଥଟଣା

**ପୁରୀ, ୨୩।୭ : ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଅପରାହ୍ନ ୪ଟା ପୂର୍ବରୁ ହେବ ରଥ ଟଣା । ଆଡ଼ପ ମଣ୍ଡପରେ ଗୁରୁବାର ଶେଷ ଦର୍ଶନ ଦେଇଛନ୍ତି ମହାପ୍ରଭୁ । ସନ୍ଧ୍ୟା ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଲାଗିଥିଲା ପ୍ରବଳ ଭକ୍ତଙ୍କ ସମାଗମ। ସନ୍ଧ୍ୟା ୬ଟା ଯାଏଁ ଏହି ଦର୍ଶନ ଚାଲିଥିଲା ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ।

ସେ ଆହୁରି ମଧ କହିଛନ୍ତି ଯେ, ଆଡ଼ପ ମଣ୍ଡପରେ ଗୁରୁବାର ମହାବାହୁ ଶେଷ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଦର୍ଶନ ବନ୍ଦ ପରେ ଗୁଣ୍ଡିଚା ମନ୍ଦିରକୁ ଶୋଧ କରାଯାଇଛି। ଶୁକ୍ରବାର ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି। ଚୂଡାନ୍ତ ନୀତି ନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ନୀତି ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା।

ସେହିପରି ନୀତିକାନ୍ତି ଠିକ୍ ଭାବେ ଚାଲିଲେ ୪ଟା ପୂର୍ବରୁ ରଥଟଣା ଯିବ। ଅନୁକୂଳ ପାଗ ଯୋଗୁଁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି। ବାହୁଡ଼ା ଯାତ୍ରା ପାଇଁ ସମସ୍ତ ସେବାୟତ ନିଯୋଗ ସହିତ ଉତ୍ତମ ସମନ୍ୱୟ ରଖାଯାଇଛି। ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଡ. ପାଢ଼ୀ କହିଛନ୍ତି।



## ଶ୍ରୀମନ୍ଦିରର ପାଞ୍ଚଟି ଟ୍ରେଡ୍ ମାର୍କକୁ ମିଳିଲା ଅନୁମୋଦନ

**ପୁରୀ, ୨୩।୭ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ର ପରମ୍ପରା, ଐତିହ୍ୟ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ଦିଗରେ ଆଉ ଏକ ବଡ଼ ସଫଳତା ମିଳିଛି। ଟ୍ରେଡ୍ ମାର୍କ ରେଜିଷ୍ଟ୍ରିର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀମନ୍ଦିର ସହ ଜଡ଼ିତ ଆଉ ପାଞ୍ଚଟି ଟ୍ରେଡ୍ ମାର୍କକୁ ମିଳିଛି ଅନୁମୋଦନ।

ଏହି ଟ୍ରେଡ୍ ମାର୍କଗୁଡ଼ିକ ହେଲା 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ'। ଏହି ପାଞ୍ଚଟି ଟ୍ରେଡ୍ ମାର୍କ ଆସନ୍ତା ଟ୍ରେଡ୍ ମାର୍କ ଜର୍ଣ୍ଣାଲରେ ପ୍ରକାଶ ପାଇବାକୁ ଅନୁମୋଦିତ ହୋଇଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ପବିତ୍ର ନାମ, ପ୍ରତୀକ ଓ ଧାର୍ମିକ ପରମ୍ପରାର ଅନଧିକୃତ ବ୍ୟବହାର ଏବଂ ବାଣିଜ୍ୟିକ ଅପବ୍ୟବହାରକୁ ରୋକିବା।ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ଓ ଗରିମାକୁ ସୁରକ୍ଷିତ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

## ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫% ବୃଦ୍ଧି

**ଭୁବନେଶ୍ୱର, ୨୩।୭**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପୁଣି ୫% ବୃଦ୍ଧି କରାଯାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଜାନୁଆରୀ ୧ରୁ ମିଳିବ। କର୍ମଚାରୀମାନେ ଏହି ବର୍ଦ୍ଧିତ ଡିଏକୁ ସେମାନଙ୍କ ଜୁଲାଇ ମାସର ଦରମା ସହ ପାଇବେ। ଗୁରୁବାର ଓଡ଼ିଶା ସରକାର ଓଆରଏସପି ୨୦୦୮ ଅନୁଯାୟୀ ପ୍ରାକ୍-ସଂଶୋଧିତ ବେତନ ସ୍କେଲରେ ଦରମା ପାଉଥିବା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ)ରେ ୫ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି।

ଏହା ଫଳରେ ବର୍ତ୍ତମାନର ୨୫୭ ପ୍ରତିଶତ ଡିଏ ବଢ଼ି ୨୬୨ ପ୍ରତିଶତରେ ପହଞ୍ଚିଛି। ଏହି ବୃଦ୍ଧି ୧ ଜାନୁଆରୀ ୨୦୨୬ରୁ ପିଛିଲା ଭାବେ ଲାଗୁ ହେବ। ଅର୍ଥ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡ୍‌ଲିନେସ୍ ଇଣ୍ଡେକ୍ସ : ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା



**ଭୁବନେଶ୍ୱର, ୨୩।୭**

**ନ୍ୟୁଜ୍ ବ୍ୟୁରୋ**

ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡ୍‌ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଏଥିରେ ଗୁଜୁରାଟ ୫୬.୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ୫୨.୪ ପଏଣ୍ଟ ସହିତ ପଞ୍ଚମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, *(ପୃଷ୍ଠା ୭ରେ)*

## ଆମେରିକା ୟୁକ୍ରେନକୁ ଅସ୍ତ୍ର ଯୋଗାଣ ବନ୍ଦ ପାଇଁ ମସ୍କୋର ଚେତାବନୀ

**ମାନିଲା, ୨୩।୭**

ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆୟୋଜିତ ଆସିଆନ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ ଅବସରରେ ଋଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ୨୦୨୫ ସେପ୍ଟେମ୍ବର ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତକାର। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲାଭରୋଭ ୱାଶିଂଟନକୁ ଚେତାବନୀ ଦେଇ କହିଛନ୍ତି ଯେ, କିଭର ସରକାରଙ୍କୁ ନିରନ୍ତର ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇବା ସମ୍ପୂର୍ଣ୍ଣ



'ଅଗ୍ରହଣୀୟ'। ଏହାସହ ଋଷକୁ 'ସାମରିକ ପରାଜୟ' ଦେବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଚଳାଉଥିବା ଅସ୍ଥିରତାକାରୀ ନୀତିକୁ ମଧ ସେ କଡ଼ା ଭାବେ ନିନ୍ଦା କରିଛନ୍ତି।

ସେପଟେ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୀର୍ଘଦିନ ଧରି ଚାଲିଥିବା ଋଷ-ୟୁକ୍ରେନ ଯୁଦ୍ଧର ସମାପ୍ତି ନେଇ ଚର୍ଚ୍ଚା କରିଛନ୍ତି। ଲାଭରୋଭ ଦୋହରାଇଛନ୍ତି ଯେ ଋଷ କୂଟନୈତିକ ଓ ରାଜନୈତିକ ମାଧ୍ୟମରେ ସମାଧାନ ପାଇଁ ପ୍ରସ୍ତୁତ। ଆମେରିକାର ଧ୍ୟାନ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଥିବା ବେଳେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଶାନ୍ତି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ପାଇଁ ସେ ଆମେରିକୀୟ ଦୂତମାନଙ୍କ ସହ ଆଲୋଚନା *(ପୃଷ୍ଠା ୭ରେ)*

## ବରଯାତ୍ରୀ କାର୍ ଦୁର୍ଘଟଣାଗ୍ରସ୍ତ : ୫ ମୃତ

**ଢେଙ୍କାନାଳ, ୨୩।୭**

**ନ୍ୟୁଜ୍ ବ୍ୟୁରୋ**

ପୋଖରୀରେ ପଶିଗଲା ବରଯାତ୍ରୀ କାର। ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ ସଦର ଥାନା ଛାଟିଆ ଗାଁ ନିକଟରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। ୭ ଜଣ ଯୁବକ ସେମାନଙ୍କର ଜଣେ ସାଙ୍ଗର ବାହାଘରରେ ଯୋଗ ଦେବାକୁ କାରରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗାଁକୁ ଯାଇଥିଲେ। ବାହାଘର ସରିବା ପରେ ବିଳମ୍ବିତ ରାତିରେ ସେମାନେ ସେଠାରୁ ଫେରୁଥିବା ବେଳେ ଥାକିଆ ଗାଁ ନିକଟରେ ଏକ ବୁଲାଣିରେ କାରଣଟି ଭାରସାମ୍ୟ ହରାଇ ରାସ୍ତାରୁ ଖସି ପୋଖରୀରେ ପଶି ଯାଇଥିଲା। ବର୍ଷା ଦିନ ହେତୁ ପୋଖରୀରେ ପାଣି ଭର୍ତ୍ତି ହୋଇଥିବା ବେଳେ କାରଟି ପୂରା ବୁଡ଼ି ଯାଇଥିଲା। ସ୍ଥାନୀୟ *(ପୃଷ୍ଠା ୭ରେ)*

## ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନୂତନ ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୭**

**ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୧୫୨ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ପଦବୀ ଗୁଡିକ ବିଭିନ୍ନ ସରକାରୀ ମେଡିକାଲ କଲେଜ ପାଇଁ ଅନୁମୋଦିତ ହୋଇଛି । ଏସବୁ ପଦବୀ ସୁପର ସ୍ପେସିଆଲିଟି ବିଭାଗ ଅନ୍ତର୍ଗତ ।

ମଞ୍ଜୁର ପଦବୀ ଗୁଡିକ ମଧ୍ୟରେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ , ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, କୋରାପୁଟ ସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବାଲେଶ୍ୱର ସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରକ୍ତ ଚିକିତ୍ସା ବିଭାଗ, ବୁର୍ଲା ସ୍ଥିତ ଭୀମସାର ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, ଶଲ୍ୟ ଗ୍ୟାଷ୍ଟ୍ରଏଣ୍ଟ୍ରୋଲୋଜି ବିଭାଗ, କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା, ତାଳଚେର ସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀର ସମସ୍ତ ବିଭାଗରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର , ସିନିୟର ରେସିଡେଣ୍ଟ ପଦବୀ ମଞ୍ଜୁର ହୋଇଛି । ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର *(ପୃଷ୍ଠା ୭ରେ)*

### ମନ୍ତ୍ରୀଙ୍କୁ ବ୍ଲାକ୍‌ମେଲ୍ ଉଦ୍ୟମ




## ଆଜିର ମୁଖ୍ୟ ଖବର

- ବର୍ଷକ ମଧ୍ୟରେ ନେପାଳକୁ ଭାରତ-ବାଂଲାଦେଶ ବିଦ୍ୟୁତ ରପ୍ତାନୀରୁ ୧୦୦ କୋଟି ଟଙ୍କାର ନିଟ୍ ଲାଭ।
- ଆସାମରେ ବନ୍ୟା ସ୍ଥିତି ଖରାପ : ୧୧ଟି ଜିଲ୍ଲାରେ ୬୫୩୧୬୪ ଲୋକ ପ୍ରଭାବିତ, ମୃତ୍ୟୁ ସଂଖ୍ୟା ୪୪ରେ ପହଞ୍ଚିଲା।
- ସିକିମ ସୁଡ଼ଙ୍ଗ ଦୁର୍ଘଟଣା: ଆଉ ୯ ମୃତଦେହ ଉଦ୍ଧାର, ମୃତ୍ୟୁ ସଂଖ୍ୟା ୨୨ରେ ପହଞ୍ଚିଲା, ଖୋଜାଖୋଜି ଏବଂ ଉଦ୍ଧାର କାର୍ଯ୍ୟ ଜାରି।

## ଏକାଳ ପଖାଳ



ଭାଇଭଉଣୀଙ୍କୁ ସାଙ୍ଗରେ ନେଇ
ବାହୁଡିବେ ଜଗତ ସାଇଁ
ଦର୍ଶନ ଆଶାରେ କାହିଁ କେତେଦୂରୁ
ଭକତ ଆସନ୍ତି ଧାଇଁ
ଜଗାନାମ ଗାଇ ଗାଇ
ସବୁ କରମରୁ ଉଦ୍ଧାର ପାଇବୁ
ଚକା ଆଖି ଯୋଡା ଚାହିଁ।

# ଲାଭରେ ଇତିହାସ ରଚିଲା ଗୁଗଲ୍




**ୱାଶିଂଟନ, ୨୩।୭**

ବିଶ୍ୱର ପ୍ରମୁଖ ସର୍ଚ୍ଚ ଇଞ୍ଜିନ ଗୁଗଲର ପରିଚାଳନା କରୁଥିବା ସଂସ୍ଥା ଆଲଫାବେଟ୍ ଲାଭ କରିବାରେ ଇତିହାସ ସୃଷ୍ଟି କରିଛି। କମ୍ପାନୀର ଦ୍ୱିତୀୟ ତ୍ରୈମାସିକ ଲାଭ ପ୍ରଥମ ଥର ପାଇଁ ୧୦୦ ବିଲିୟନ ଡଲାରରୁ ଅଧିକ ହୋଇଛି। ଏହା ୧୧୨.୧ ବିଲିୟନ ଡଲାର ଲାଭ କରିଛି ଯାହା ପୂର୍ବବର୍ଷର ସେହି ସମୟରେ ହୋଇଥିବା ଲାଭ ତୁଳନାରେ ୮୦ ପ୍ରତିଶତ ଅଧିକ। ଆଶ୍ଚର୍ଯ୍ୟର ବିଷୟ ହେଉଛି ଆଲଫାବେଟ୍ ଏକାକୀ ଯେତିକି ଲାଭ କରିଛି ତାହା 'ଫର୍ଚୁନ ୫୦୦' ତାଲିକାରେ ସ୍ଥାନ ପାଇଥିବା ଶ୍ରେଷ୍ଠ ୪୫୯ଟି କମ୍ପାନୀର ବର୍ଷତମାମ ମିଳିତ ଲାଭଠାରୁ ମଧ ଅଧିକ।

ଏଆଇ କମ୍ପାନୀ ଆନନ୍ଥ୍ରୋପିକ୍ ଓ ଏଲନ ମସ୍କଙ୍କ ସଂସ୍ଥା ସ୍ପେସ୍‌ଏକ୍ସରେ ନିବେଶ କରିବା ଆଲଫାବେଟ୍ ପାଇଁ ଲାଭଦାୟକ ହୋଇଛି। କମ୍ପାନୀର ମୋଟ୍ ଆୟ ମଧ୍ୟରୁ ୯୯ ପ୍ରତିଶତ 'ଅନ୍ୟାନ୍ୟ ଆୟ' ଆକାରରେ ଆସିଛି। ଅର୍ଥାତ ଏହା ବିଭିନ୍ନ ପ୍ରକାର ନିବେଶରୁ ସେହି ଆୟ କରିଛି। ୨୦୨୩ରେ ଆନନ୍ଥ୍ରୋପିକ୍‌ରେ ଆଲଫାବେଟ୍ ୩୦୦ ନିୟୁତ ଡଲାର ନିବେଶ କରିଥିଲା। ଏହି ସଂସ୍ଥା ଏଆଇ ଟୁଲ୍ କ୍ଲାଉଡ୍ ଆଣିବା ପରେ ତାହାର ମୂଲ୍ୟାୟନ ଯଥେଷ୍ଟ ବଢ଼ିଯାଇଛି। ସେହିପରି, ମସ୍କଙ୍କ ସଂସ୍ଥା ସ୍ପେସ୍‌ଏକ୍ସର ୬ ପ୍ରତିଶତ ଅଂଶଧନ ମଧ ଆଲଫାବେଟ୍ *(ପୃଷ୍ଠା ୭ରେ)*

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ : ଆହୁରି ୫ ଦିନ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୩।୭**

**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ୫ ଦିନ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ମୌସୁମୀ ଜନିତ ନିମ୍ନ ରେଖା ସକ୍ରିୟ ଥିବାରୁ ଭିଷଣ ବର୍ଷା ହେବାର ସମ୍ଭାବନା ରହିଛି। ଶ୍ରୀଗୁଣ୍ଡିଚା ଯାତ୍ରା ଭଳି ବାହୁଡାରେ ମଧ ଶ୍ରୀକ୍ଷେତ୍ର ବର୍ଷାରେ ଭିଜିବ ବୋଲି ସୂଚନା ରହିଛି।

ରାଜ୍ୟର ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏହାସହ କେଉଁଠି ପ୍ରବଳ ତ କେଉଁଠି ହେଉଛି ଅତି ପ୍ରବଳ ବର୍ଷା।



ସକ୍ରିୟ ମୌସୁମୀ ପ୍ରଭାବରେ ଆସନ୍ତା ୨୮ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ବିଶେଷ କରି ଉତ୍ତର ଓ ଉପକୂଳ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜୁଲାଇ, ୨୦୨୬ ଶୁକ୍ରବାର





# ଅମାଠ ଛକରେ ବଢ଼ିବାରେ ଲାଗିଛି ଅପରାଧ : ପୋଲିସ ଫାଣ୍ଡି ପାଇଁ ଦାବି

**କେସିଙ୍ଗା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଶେଷ ସୀମାନ୍ତ ଅଞ୍ଚଳରେ ଥିବା ଅମାଠ ଛକରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି । କାରଣ ଉକ୍ତ ଛକଟି ଗୋଟିଏ ପଟେ ଜାତୀୟ ରାଜପଥ ୨୬ ଆଗକୁ ବରଗଡ଼ ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଅନ୍ୟଟି ଜାତୀୟ ରାଜପଥ ୫୯ ଅମାଠ ଛକରୁ ବାଲିଗୁଡ଼ା ହୋଇ ବ୍ରହ୍ମପୁର ପର୍ଯ୍ୟନ୍ତ ଲମ୍ବିଛି । ହେଲେ ଜିଲ୍ଲା ପୋଲିସ ପ୍ରଶାସନ ଉକ୍ତ ଛକକୁ ଭୁଲିଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦୀର୍ଘ ଦିନରୁ ଚେକ୍‌ପୋଷ୍ଟ ଉଦ୍‌ଘାଟିତ ହୋଇ ପଡ଼ିରହିଛି । ଫାଣ୍ଡିରେ ହୋମଗାର୍ଡଙ୍କୁ ଉକ୍ତ ଜିଲ୍ଲାର ସୀମାର ସମସ୍ତ କ୍ଷମତା ପ୍ରଦାନ କରାଯାଇଛି । କେସିଙ୍ଗା ପୋଲିସ ପକ୍ଷରୁ ଛକକୁ ଯାଇ ସମୟ ସମୟରେ ନିଜର ଉପସ୍ଥିତି ଜାହିର କରି ଗାଡ଼ିମଟର ତଦାରଖ ହେଉଥିଲେ ମଧ୍ୟ ଛକରେ ହେଉଥିବା ଅପରାଧ ଓ ବେନିୟମ କାମ



ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ଅମାଠ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଦୁଇ ଜିଲ୍ଲାର ଅନେକ ବଡ଼ ବଡ଼ କ୍ରାଇମ୍ ସହିତ ବଡ଼ବଡ଼ ବେଆଇନ କାର୍ଯ୍ୟ ହେଉଛି ।

ପୂର୍ବରୁ ଭବାନୀପାଟଣାରୁ କେସିଙ୍ଗା ହୋଇ ଅନେକ ଚୋରା ଗଞ୍ଜେଇ ସହିତ ଅନେକ ଚୋରା ଜିନିଷ ଯାଉଥିଲା ହେଲେ ପୋଲିସର ଧରପକଡ଼ ଯୋଗୁଁ ବର୍ତ୍ତମାନ ଚୋରା ଗଞ୍ଜେଇ ମଦ ଓ ଅନ୍ୟାନ୍ୟ ଚୋରା ଜିନିଷ ଏବେ ଅମାଠ ହୋଇ ଜିଲା ବାହାରକୁ ଯାଉଛି । ଉଦାହରଣସ୍ୱରୂପ ଗତ ମାସେ ଦୁଇ ମାସ ତଳେ କେସିଙ୍ଗାରେ ସ୍ଥାପିତ ଏକ କମ୍ପାନୀର ପମ୍ପ ହାଉସରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ପ୍ରାୟ ୩ ଶହ କେଜି ତମ୍ବା ତାର ଚୋରି ହୋଇଥିଲା । ଅମାଠ ଛକ ହେଇ ବାହାରକୁ ଯିବା ସମୟରେ ପୋଲିସ ହାବୁଡ଼ରେ ପଡ଼ି ତମ୍ବାତାର ଉଦ୍ଧାର ହୋଇଥିଲା ଓ ଚୋର ଗ୍ୟାଙ୍ଗ ଗିରଫ ହୋଇ କୋର୍ଟ ଚାଲାଣ କରା ଯାଇଥିଲା । ପୁଣି କିଛି ଦିନ ତଳେ ଉକ୍ତ ଛକରେ ଜଣେ ଅପରିଚିତ ବ୍ୟକ୍ତିର ମୃତଦେହ ପୋଲିସ ଉଦ୍ଧାର କରିଥିଲା ଓ ମୃତଦେହ ପାଖରେ ଥିବା ମୋଟର ସାଇକେଲରୁ ପ୍ରାୟ ୬୩ କେଜି ଚୋରା ଗଞ୍ଜେଇ ଜବତ ହୋଇ ଥିଲା । ଯାହାର ତଦନ୍ତ ଆଜି ପର୍ଯ୍ୟନ୍ତ ଚାଲିଛି ।

ସେପଟେ ଉକ୍ତ ଚେକ ପୋଷ୍ଟରେ ଥିବା ଦୁଇଜଣ ହୋମଗାର୍ଡ ଅନେକ ସମୟରେ ଫାଣ୍ଡି ବନ୍ଦ ରହୁଥିବା ଅଭିଯୋଗ ହେଉଛି । ପ୍ରତିଦିନ ଉକ୍ତ ଛକ ଦେଇ ଅନେକ ଚୋରା ଗଞ୍ଜେଇ ଓ ମଦ ଜିଲ୍ଲା ବାହାରକୁ ତଥା ରାଜ୍ୟ ବାହାରକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଚୋରା ଗଞ୍ଜେଇ ଓ ଚୋରା ମଦ କାରବାର ପାଇଁ ଏହି ଐତିହାସିକ ଛକଟି ବର୍ତ୍ତମାନ ବଦନାମ ହେବାରେ ଲାଗିଛି । ପୋଲିସ ଆଉଟପୋଷ୍ଟରେ ଜଣେ ଅଧିକାରୀଙ୍କ ସମେତ ଷ୍ଟାଫ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରୁ ମୁଁ ଏସ୍‌ପିଙ୍କ ସହ କଥା ହୋଇ ବିଚାର କରାଯିବ ବୋଲି କହିଛନ୍ତି ।

# ଛାତ୍ର ସଂଖ୍ୟା ବଢୁଛି, ଭିତ୍ତିଭୂମି ପଛରେ : ଲଖନପୁର ଆଦର୍ଶ ବିଦ୍ୟାଳୟରେ ବସ୍ ଓ ଛାତ୍ରାବାସ ସମସ୍ୟା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଲଖନପୁର ବ୍ଲକସ୍ଥିତ ଆଦର୍ଶ ବିଦ୍ୟାଳୟ ଉତ୍କୃଷ୍ଟ ଶିକ୍ଷାଦାନ ଓ ସନ୍ତୋଷଜନକ ପରୀକ୍ଷା ଫଳ ପାଇଁ ଅଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଚିତ । ପ୍ରତିବର୍ଷ ଏଠାରେ ନାମଲେଖା ପାଇଁ ଅଭିଭାବକଙ୍କ ଆଗ୍ରହ ବୃଦ୍ଧି ପାଉଥିବା ସହ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ କ୍ରମାଗତ ଭାବେ ବଢୁଛି । କିନ୍ତୁ ସେହି ଅନୁପାତରେ ଭିତ୍ତିଭୂମିର ବିକାଶ ହୋଇନଥିବାରୁ ଯାତାୟାତ ଓ ଆବାସିକ ସମସ୍ୟା ଏବେ ଗୁରୁତର ରୂପ ନେଇଛି । ବର୍ତ୍ତମାନ ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଲଖନପୁର ବ୍ଲକର ସୀମାନ୍ତ କଣ୍ଡେଇକେଲାରୁ ଭିକମପାଲି ଏବଂ ପଞ୍ଚଗାଁରୁ ବାଘମୁଣ୍ଡା ପର୍ଯ୍ୟନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ଦୁଇଟି ସ୍କୁଲ ବସ୍ ଚଳାଚଳ କରୁଛି । ଏହାଫଳରେ ପ୍ରତିଦିନ ବସ୍‌ରେ ଅତ୍ୟଧିକ ଭିଡ଼ ଦେଖାଯାଉ ଥିବା ସହ ଅନେକ ଛାତ୍ରଛାତ୍ରୀ ଠିଆ ହୋଇ ଯାତ୍ରା କରିବାକୁ ବାଧ ହେଉଛନ୍ତି । ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ମାନେ ସକାଳ ପ୍ରାୟ ୬ଟାରୁ ଘରୁ ବାହାରି ସନ୍ଧ୍ୟା ପ୍ରାୟ ୬ଟାରେ ଘରକୁ ଫେରୁଥିବାରୁ ସେମାନଙ୍କ ଉପରେ ଅତିରିକ୍ତ ଶାରୀରିକ ଓ ମାନସିକ ଚାପ ପଡୁଛି । ଦୀର୍ଘ ସମୟର ଯାତ୍ରା ସେମାନଙ୍କ ପାଠପଢ଼ା, ବିଶ୍ରାମ ଏବଂ ସହପାଠ୍ୟ କାର୍ଯ୍ୟକଳାପ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଛାତ୍ରାବାସର କାର୍ଯ୍ୟ ପ୍ରାୟ ଦୁଇ ବର୍ଷ ଧରି କଚ୍ଛପ ଗତିରେ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଫଳରେ ଦୂର ଅଂଚଳର ଛାତ୍ରଛାତ୍ରୀ ମାନେ ଛାତ୍ରାବାସ ସୁବିଧାରୁ ବଞ୍ଚିତ ହୋଇ ପ୍ରତିଦିନ ଦୀର୍ଘ ଦୂରତା ଅତିକ୍ରମ କରି ବିଦ୍ୟାଳୟକୁ ଆସୁଛନ୍ତି । ଛାତ୍ରଛାତ୍ରୀଙ୍କ ବଢୁଥିବା ସଂଖ୍ୟାକୁ ଦୃଷ୍ଟିରେ ରଖି ଅତିଶୀଘ୍ର ଅଧିକ ସ୍କୁଲ ବସ୍‌ର ବ୍ୟବସ୍ଥା କରିବା ସହ ନିର୍ମାଣାଧୀନ ଛାତ୍ରାବାସ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଭିଭାବକ ଏବଂ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ଜୋର ଧରିଛି ।

## ୧୦ ଶାଗୁଆନ ଗଣ୍ଡି ସହ ବୋଲେରୋ ପିକଅପ୍ ଜବତ : ଜଣେ ଅଟକ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ବେଆଇନ କାଠ ଚୋରାଚାଲାଣ ବିରୋଧରେ ବନ ବିଭାଗର ଅଭିଯାନକୁ ବଡ଼ ସଫଳତା ମିଳିଛି । ଚିତ୍ରକୋଣ୍ଡା ବନାଞ୍ଚଳର କର୍ମଚାରୀ ମାନେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ମହିନ୍ଦ୍ରା ବୋଲେରୋ ପିକଅପ୍–୨୦୭ ଗାଡ଼ିକୁ ଅଟକାଇ ତାହାରୁ ବେଆଇନ ଭାବେ ପରିବହନ କରାଯାଉଥିବା ୧୦ଟି ଶାଗୁଆନ ଗଣ୍ଡି ଜବତ କରିଛନ୍ତି । ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ଶାଗୁଆନ କାଠଗୁଡ଼ିକ ମାଲକାନଗିରି ବନାଞ୍ଚଳର କୋରୁକୋଣ୍ଡା ଅଞ୍ଚଳରୁ ବେଆଇନ ଭାବେ ଆନ୍ଧ୍ରପ୍ରଦେଶର ଡଙ୍କରାଇ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା । ବନ ବିଭାଗର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ଏହି ଚୋରାଚାଲାଣ ଉଦ୍ୟମ ବିଫଳ ହୋଇଥିଲା । ଜବତ କାଠ ଓ ଗାଡ଼ିକୁ ବନ ବିଭାଗ ନିଜ ହେପାଜତକୁ ନେଇଥିବା ବେଳେ, ଅଭିଯୁକ୍ତଙ୍କ ବିରୋଧରେ ଓଡ଼ିଶା ବନ ଆଇନ–୧୯୭୨ର ସମ୍ପୃକ୍ତ ଧାରା ଅନୁଯାୟୀ ମାମଲା ରୁଜୁ କରି ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ବନ ସମ୍ପଦର ସୁରକ୍ଷା ଓ କାଠ ଚୋରାଚାଲାଣ ରୋକିବା ପାଇଁ ଜିଲ୍ଲାର ବିଭିନ୍ନ ବନାଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ସ୍ୱତନ୍ତ୍ର ଚଢ଼ଉ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି ।

# ବିପଦରେ କେନାଲ ବ୍ରିଜ୍ : ନୂତନ ବ୍ରିଜ୍ ନିର୍ମାଣ କରିବାକୁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ଦଣ୍ଡସେନାଗୁଡ଼ା ଗ୍ରାମ ଓ କେବିଡ଼ି ଗ୍ରାମକୁ ସଲଗ୍ନ ହୋଇଥିବା କେନାଲ ବ୍ରିଜ ଦୁର୍ବଳ ଅବସ୍ଥାରେ ରହିଛି ତେଣୁ ନୂତନ ବ୍ରିଜ୍ ନିର୍ମାଣ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ । ଏନେଇ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମାଜସେବି ବି ହରି ରାଓ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦଣ୍ଡସେନାଗୁଡ଼ା ଓ କେବିଡ଼ି ଗ୍ରାମ ପଞ୍ଚାୟତର ଗ୍ରାମବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ଯିବା ଆସିବା ସହ ହାଲୁକା ଯାନ ଗାଇ ଗୋରୁ ଯିବା ଆସିବା ନେଇ ନିର୍ମାଣ ହୋଇଥିଲା । କିନ୍ତୁ ତା' ଉପରେ ବଡ ଧରଣର ଗାଡ଼ି ୧୨ ଚକିଆ, ୧୬ ଚକିଆ ଯିବା ଆସିବା ଫଳରେ କେନାଲ ବ୍ରିଜଟି ଦବି କଲାଣି ଏବଂ ବ୍ରିଜର ତଳ ଭାଗ ଫାଟ ସୃଷ୍ଟି ହେବାରେ ଲାଗିଲାଣି । ଏହି ବ୍ରିଜ ଭବିଷ୍ୟତରେ ବିପଦ ସୃଷ୍ଟି ହେବା ଆଶଙ୍କା ଦେଖାଯାଇଛି । ଏହି ବ୍ରିଜ୍‌ଟି ପ୍ରାୟ ୩୮ ବର୍ଷ ହେବ ନିର୍ମାଣ ହୋଇଛି । ତେଲଙ୍ଗିରି ଡ୍ୟାମ୍ କାର୍ଯ୍ୟ ପାଇଁ ଆଜି ପର୍ଯ୍ୟନ୍ତ ଏହି ପୋଲ ଉପରେ ମାଲବାହୀ ଏବଂ ଭାରିଜାନ ଯିବା ଆସିବା ଫଳରେ ଉକ୍ତ ବ୍ରିଜ ଦୁର୍ବଳ ହୋଇ ସାରିଲାଣି । ଯାହାକି ଅଚାନକ କିଛି ବିପଦ ସୃଷ୍ଟି ହୋଇପାରେ । ଏହା ବ୍ୟାତିତ ଜୟପୁର ଗାନ୍ଧୀ ଛକ କେନାଲ ଠାରୁ କଙ୍ଗା ମାଇନର କେନାଲ ପର୍ଯ୍ୟନ୍ତ ପ୍ରାୟ ୭ଟି ବ୍ରିଜ ଏହିପରି ବିପଦ ରେ ରହିଛି । ତେଣୁ ଏହାକୁ ମରାମତି ନକରି ନୂତନ ଭାବେ ନିର୍ମାଣ କରାଯାଉ । ବର୍ତ୍ତମାନ ଭାରି ଯାନକୁ ବାରଣ କରାଯାଇ ଆଗକୁ ଆସୁଥିବା ବିପଦକୁ ରୋକାଯିବାକୁ ଦାବି କରାଯାଇଛି । ଏହି ଦାବି ପତ୍ରର ନକଲ କୋରପୁଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ଫାଙ୍କା ଗୁଳି ଚଳାଇ ସୁନା ବ୍ୟବସାୟୀଙ୍କଠୁ ଲୁଟ୍

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ବିଂଝାରପୁର ଥାନା ଘଣ୍ଟିଆଳି ପଞ୍ଚାୟତ ମଇଁଦା ଛକରେ ଥିବା ମା' ତାରିଣୀ ଗହଣା ଦୋକାନ ମାଲିକଙ୍କ ଠାରୁ ବନ୍ଧୁକଧାରୀ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ସୂଚନାନୁସାରେ, ଘଣ୍ଟିଆଳି ଗ୍ରାମର ଶରତ ସାହୁଙ୍କ ପୁଅ ଚନ୍ଦନ ସାହୁ ରାତି ପ୍ରାୟ ୮. ୪୫ ସମୟରେ ସବୁଦିନ ଭଳି ଦୋକାନ ବନ୍ଦ କରିଥିଲେ । ସାଥିରେ ୨୦ ଗ୍ରାମ ସୁନା ଗହଣା, ୨କିଲୋରୁ ଉର୍ଦ୍ଧ୍ୱ ରୁପା ଗହଣା ଓ ୭ହଜାର ଟଙ୍କା ନଗଦ ନେଇ ଘରକୁ ଯାଉଥିଲେ । ଘଣ୍ଟିଆଳି ଗାଁ ପୂର୍ବରୁ ଥିବା ଘୋଷରା ପୋଲ ନିକଟ ନିଛାଟିଆ ଜାଗାରେ ପଛପଟୁ ଏକ କଳା ପଲସର ଗାଡ଼ିରେ ୩ଜଣ ଦୁର୍ବୃତ୍ତ ଆସି ଚନ୍ଦନଙ୍କୁ ଆଗପଟୁ ଅଟକାଇ ଥିଲେ । ତାଙ୍କ ପାଖରେ ଥିବା ଗହଣା ବ୍ୟାଗ ଛଡ଼ାଇଥିଲେ । ଏହାର ପ୍ରତିବାଦ କରିବାକୁ ଚନ୍ଦନ ବ୍ୟାଗ୍ ନଦେବାରୁ ଦୁର୍ବୃତ୍ତମାନେ ରଖିଥିବା ପିସ୍ତଲରୁ ଫାଙ୍କା ଗୁଳି ଚଳାଇଥିଲେ । ଚନ୍ଦନ ଭୟଭୀତ ହୋଇ ସୁନା ଓ ଟଙ୍କା ଦେଇଦେଇଥିଲେ । ଖବର ପାଇ ବିଂଝାରପୁର ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଏକ ଗୁଳିର ଖୋଖା ଜବତ କରିଛି ।

# ଚମ୍ପୁଆରେ ଟ୍ରମାକେୟାର ଓ ଆଇଟିଆଇ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଅଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ତଥା ଦୀର୍ଘଦିନର ଦାବିକୁ ନେଇ ଚମ୍ପୁଆ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନସୁଣାଣୀ ଶିବିରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଖବର ଅନୁସାରେ, ଚମ୍ପୁଆରେ ଏକ ଜରୁରୀକାଳୀନ ଟ୍ରମାକେୟାର କେନ୍ଦ୍ର ସ୍ଥାପନ ନିମନ୍ତେ ଗତ ୦୭/୦୫/୨୦୨୬ ରିଖରେ ପତ୍ରସଂଖ୍ୟା ୨୪୧୦ ମାଧ୍ୟମରେ ଜମିପଟା ଯୋଗାଇ ଦେବାକୁ ଚିଠି ହୋଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାର ସ୍ଥିତି କ'ଣ ରହିଛି, ତାହା ଅସ୍ପଷ୍ଟ ଅଛି । ଏହି ପ୍ରକଳ୍ପଟି ଅତିଶୀଘ୍ର କାର୍ଯ୍ୟକାରୀ ହେଲେ ଚମ୍ପୁଆ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଜରୁରୀକାଳୀନ ଚିକିତ୍ସା ସେବା ପାଇ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷେ, ଚମ୍ପୁଆରେ ଏକ ସରକାରୀ ଆଇଟିଆଇ ସ୍ଥାପନ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ତହସିଲଦାରଙ୍କ ଦ୍ୱାରା ଖାତା ନମ୍ବର ୨୬୧, ପ୍ଲଟ ନମ୍ବର ୨୯୩ ବିଶିଷ୍ଟ ଜମି ଚିହ୍ନଟ କରାଯାଇ ପ୍ରଦାନ କରାଯାଇଥିଲା । କିନ୍ତୁ ଏହା ଭିତରେ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନିଆଯାଇ ନାହିଁ । ଯାହାଫଳରେ ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀମାନେ ବୈଷୟିକ ଶିକ୍ଷାରୁ ବଂଚିତ ହେଉଛନ୍ତି । ତେଣୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସଫଳ ରୂପାୟନ ପାଇଁ ସମାଜସେବୀ ପ୍ରଦୀପ କୁମାର ରାଜ ଏବଂ ବସନ୍ତ କୁମାର ଗିରୀ ପ୍ରମୁଖ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

# ପଞ୍ଚାୟତ ସମିତି ବୈଠକ ପାଇଁ ଦାବି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଦୀର୍ଘ ଦେଢ଼ ବର୍ଷ ହେବ ପଞ୍ଚାୟତ ସମିତି ବୈଠକ ବାସିନଥିବାରୁ ପଞ୍ଚାୟତ ମାନଙ୍କରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ଜିଲ୍ଲାପରିଷଦ ସୁନୀଲ ବେହେରା, ସରପଞ୍ଚ ସଫି ଆଜମ, ସମିତିସଭ୍ୟ ରଞ୍ଜନ କୁମାର ମଲ୍ଲିକ, ସରପଞ୍ଚ ଅଶୋକ ଦାସ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଥ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିବା ଶୁଣିବାକୁ ମିଳିଛି । ଅଭିଯୋଗ ଶିବିରକୁ ଜିଲ୍ଲା କ୍ଷେତ୍ର ଅଧିକାରୀମାନେ ୧୦.୪୫ ମିନିଟରେ ପହଞ୍ଚିଥିବାରୁ ଉପସ୍ଥିତ ଅଭିଯୋଗକାରୀ ମାନଙ୍କର ନାହିଁ ନ ଥିବା ଭିଡ଼ ଜମିଯାଇଥିବା ଦେଖିବାକୁ ମିଳିଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୨୦୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୯୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪୧ଟି, ଆବାସ ଯୋଜନା ସମ୍ପର୍କୀୟ ୬୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ଭତ୍ତା ପାଇବା ପାଇଁ ୧୧ଟି, ପୋଲିସ ସହାୟତା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୪୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୯ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ ତିର୍ତ୍ତୋଲ ଗିରିଜା ଶଙ୍କର ମଲ୍ଲିକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବରକୁ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁ, ଆରଏଚର ମୁଖ୍ୟ ପ୍ରିୟମ୍ବଦା ପଶାୟତ ପ୍ରମୁଖ ପରିଚାଳନା କରିଥିଲେ ।

# ପରିବେଶ ସୁରକ୍ଷାରେ ବୃକ୍ଷ ରୋପଣର ଆବଶ୍ୟକତା ନେଇ ଗୁରୁତ୍ୱାରୋପ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବନ ମହୋତ୍ସବ' ଆନୁଷ୍ଠାନିକ ରୀତିରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ସ୍ୱତନ୍ତ୍ର ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ, ବି.ଆର.ସି.ସି. ସୁଶ୍ରୀ ସୁଷମା ଶବର, ୧ ନଂ ୱାର୍ଡ ସଭ୍ୟ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ, ଆଭାସ କ୍ଲଷ୍ଟର ସି.ଆର.ସି.ସି. କୃଷ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା, ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା, ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବୃକ୍ଷ ରୋପଣର ବିଶେଷ ପ୍ରୟୋଜନତା ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ବନ ମହୋତ୍ସବ ପାଳନ ଫଳରେ



ଛାତ୍ରଛାତ୍ରୀ, ଅଭିଭାବକ ଅଭିଭାବିକା, ଶିକ୍ଷକ ଶିକ୍ଷୟିତ୍ରୀ କିଭଳି ଉପକୃତ ହେବା ସହିତ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହୋଇପାରିବେ, ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସ୍ଥିତ ଅତିଥିମାନେ ବିଦ୍ୟାଳୟକୁ ସ୍ୱଚ୍ଛ ସୁନ୍ଦର ସବୁଜ କରିବା ପାଇଁ ବିଦ୍ୟାଳୟ ପରିସରରେ ଅଁଳା, ବେଲ, ସୀତାଫଳ, ଅର୍ଜୁନ ଆଦି ବୃକ୍ଷ ରୋପଣ କରିଥିଲେ । ବୃକ୍ଷ ସୁରକ୍ଷା ପାଇଁ ସାମୂହିକ ଶପଥଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜୟକୃଷ୍ଣ ବାଲା ସଂଯୋଜନା କରିଥିଲାବେଳେ ସହକାରୀ ଶିକ୍ଷୟିତ୍ରୀ ସୁଲୋଚନା ପଣ୍ଡା, ମଧୁସ୍ମିତା ରଥ, ଇତିଶ୍ରୀ ରାଉତବର୍ମା, ମୀନାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବହୁ ଗୁରୁ ଛାତ୍ରଛାତ୍ରୀ, ସି.ଆର.ସି.ସି. ଶୁଭେନ୍ଦୁ ରାଉତ, ନିରଞ୍ଜନ ସେଠୀ, ପ୍ରଶାନ୍ତ କୁମାର ସେଠୀ, ନିରଞ୍ଜନ ଗୁରୁ, ପ୍ରକାଶ ଚନ୍ଦ୍ର ସେଠୀ, ଅନାଥ ବେହେରା, ଡକ୍ଟର ଦ୍ୱାରିକାନାଥ ମହାରଣାଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ବନ ମହୋତ୍ସବ ପାଳନରେ ସହଯୋଗ କରିଥିଲେ ।

# ବାଲିଆପାଳରେ ଜିଲ୍ଲାପ୍ରଶାସନର ମିଳିତ ଜନଶୁଣାଣି



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୩୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୨୯ ଗୋଟି ବ୍ୟକ୍ତିଗତ ଓ ୪ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ଜେନା, ବିଡିଓ, ବାଲିଆପାଳ ରାଧା ରଞ୍ଜନ ଦାସ, ତହସିଲଦାର, ବାଲିଆପାଳ ସସ୍ମିତା ମୁର୍ମୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# 'ମେଧାବୀ ମୟୂରଭଞ୍ଜ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ବାମନଘାଟୀ ଉପଖଣ୍ଡ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବିଶେଷକରି ବର୍ଷା ଦିନ ଲାଗି ରହୁଥିବାରୁ ବିଦ୍ୟାଳୟ, ହଷ୍ଟେଲ ପରିସରକୁ ସଫା ସୁତରା ରଖିବା, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ନିୟମିତ ଭାବରେ ପାଠ ପଢାଇବା, ଜିଲ୍ଲାପାଳଙ୍କ ଦ୍ୱାରା 'ମେଧାବୀ ମୟୂରଭଞ୍ଜ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଡିଇଓ ଶ୍ରୀ ସେଠୀ ପ୍ରଧାନ ଶିକ୍ଷକମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ବିଦ୍ୟାଳୟ ନିରାପତ୍ତା ସମ୍ବଧୀୟ, ଆପାର ଆଇଡି, ବାଇଓ ମେଟ୍ରିକ, ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ସହିତ



ଦୀର୍ଘ ସମୟ ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ରାଇରଙ୍ଗପୁର ବିଇଓ ଘନଶ୍ୟାମ ମୁର୍ମୁ, ଜାମଦା ବିଇଓ ମନୋରଞ୍ଜନ ଗିରି, ତିରିଂ ବିଇଓ ରିଷିପ୍ରଭା ମହାନ୍ତ, ରାଇରଙ୍ଗପୁର ଏବିଇଓ କାର୍ତ୍ତିକ ଚନ୍ଦ୍ର କାରୁଆ ଓ ହେମ ମାଝୀ, ବହଳଦା ଏବିଇଓ ଦେବେନ୍ଦ୍ର ନାଥ ସାହୁ, ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୟ ରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲା ବେଳେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉଦୟ ଭାନୁ ପ୍ରଧାନ, ସୁନୀଲ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ପୁଲିସ ପରିଚୟ ଦେଇ ଲୁଟୁଥିଲେ : ଧରାପଡ଼ିଲେ ୩ଲୁଟେରା

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ପୁଲିସ ପରିଚୟ ଦେଇ ଘରେ ପଶି ଲୁଟୁଥିଲେ ଲୁଟେରା । ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି । ନିକଟରେ ଏହି ଲୁଟେରା ଗ୍ୟାଙ୍ଗ୍ ଗୁଣୁପୁରରେ ଜଣଙ୍କ ଘରେ ଅନୁରୂପ ଭାବେ ଡକାୟତି କରି ୪ଲକ୍ଷ ୭୫ହଜାର ଟଙ୍କା ଲୁଟିନେଇଥିଲେ । ସୂଚନାନୁସାରେ, ରାମନାଗୁଡା ବ୍ଲକ୍ ଗୁଣପୁର ଥାନା ଅଧୀନ ଗରଣ୍ଡା ପଞ୍ଚାୟତର ଲାଗତିଗୁଡ଼ା ଗ୍ରାମର ତମାନା ହୁଇକାଙ୍କ ଘରୁ ଗତ ୮ତାରିଖ ମଧ୍ୟାହ୍ନରେ ପୁଲିସ ପରିଚୟ ଦେଇ ୬ଜଣ ଡକାୟତ ଘରେ ପଶିଥିଲେ । କିଛି ଗଞ୍ଜେଇ ନେଇ ତାମାନାକୁ ଗଞ୍ଜେଇ ବ୍ୟବସାୟରେ ଲିପ୍ତ ବୋଲି ଧମକ ଦେଇଦେଇଥିଲେ । ଭୟ ଦେଖାଇ ଯାଞ୍ଚ କରିବାକୁ ଆଲମିରାର ଚାବି ନେଇଥିଲେ । ଏହାପରେ ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ । ଏନେଇ ୧୦ ତାରିଖରେ ତମାନା ହୁଇ କା ଥାନାରେ ଏତଲା ଦାୟର କରିଥିଲେ । ଅଭିଯୋଗକୁ ଆଧାର କରି ଆଇଆଇସି କେକେବିକେ କଅଁର ତଦନ୍ତ କରିଥିଲେ । ୩ଜଣଙ୍କୁ ଗିରଫ କରିଥିଲେ । ସେମାନଙ୍କ ନିକଟରୁ ୫୪ ହଜାର ଟଙ୍କା ଦୁଇଟି ବାଇକ୍, ତିନୋଟି ମୋବାଇଲ ଜବତ କରିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ରାମନାଗୁଡା ବ୍ଲକ୍‌ର ବଦଗୁଡ଼ା ଗ୍ରାମର ଦୁବୁଲା ପାତିକା(୩୫), ଲାଉଗୁଡ଼ା କଲୋନୀର ତନ୍ମୟ ବିଡିକା (୩୫), ସୁଲୁଡ଼ି ଗ୍ରାମର ସୁଣ୍ଡ ଶବର(୪୧) । ଏମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଏଥିରେ ସମ୍ପୃକ୍ତି ଥିବା ଅନ୍ୟ ଆସାମୀମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ କଅଁର ଗଣମାଧ୍ୟମକୁ କହିଛନ୍ତି ।



# ସଟର କାଟି ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରିକ୍ ସାମଗ୍ରୀ ଚୋରି

**ବାଲିଶଙ୍କରା, ନ୍ୟୁଜ୍ ବ୍ୟୁରୋ**

ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା କୁଇଲେରମୁଣ୍ଡା ନିକଟରେ ଥିବା ଟେଡା ବିଲ୍ଡିଂ ଇଲେକ୍ଟ୍ରିକ୍ ଦୋକାନର ସଟର କାଟି ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରିକ୍ ସାମଗ୍ରୀ ଚୋରି ହୋଇଛି । ସୂଚନା ଅନୁସାରେ, ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଗନ୍ନାଥ ଡୁଙ୍ଗେତ (୪୫)ଙ୍କ ଇଲେକ୍ଟ୍ରିକ୍ ଦୋକାନର ସଟର କାଟି ଦୋକାନ ଭିତରକୁ ପ୍ରବେଶ କରିଥିଲେ । ଦୋକାନରୁ ପାଣି ମୋଟର ସହ ଅନ୍ୟାନ୍ୟ ଇଲେକ୍ଟ୍ରିକ୍ ସାମଗ୍ରୀ ଯାହାକି ଲକ୍ଷାଧିକ ଟଙ୍କାର ହେବ ଚୋରି କରି ନେଇଯାଇଛନ୍ତି । ଏନେଇ ଥାନାରେ ଲିଖିତ ଅଭିଯୋଗ ଜଣାଇଥିବା ଜଣାପଡିଛି । ସେହିପରି ଗତ ୮ ତାରିଖ ପତେଇମୁଣ୍ଡା ଗ୍ରାମର ଯୁବକ ଲଳିତ ମହାକୁଳ ଘର ତିଆରି କରୁଥିବାରୁ ଶ୍ରମିକମାନଙ୍କୁ ପାଉଣା ଦେବା ପାଇଁ ବାଲିଶଙ୍କରା ସେଣ୍ଟ୍ରାଲ ବ୍ୟାଙ୍କକୁ ଆସି ୧ ଲକ୍ଷ ଟଙ୍କା ବାହାର କରି ବ୍ୟାଗରେ ଟଙ୍କା ଭର୍ତ୍ତି କରି ହୋଟେଲ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ୨ ଜଣ ମୁଖା ପିନ୍ଧା ଯୁବକ ବାଇକ୍‌ରେ ଆସି ସେହି ଯୁବକଙ୍କ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇ ଛତିଶଗଡ଼ ପଟକୁ ଫେରାର ହୋଇଯାଇଥିଲେ । ମାସେ ମଧ୍ୟରେ ତଲସରା ଥାନା ଅଞ୍ଚଳରେ ୩ଟି ଲଗାତାର ଚୋରି ହେବା ଘଟଣା ଅଞ୍ଚଳବାସୀଙ୍କ ମନରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପୁଲିସ ଚୋରମାନଙ୍କୁ ଧରିବାରେ ବିଫଳ ହୋଇଥିବାବେଳେ ଆଜି ପୁଣି ଏପରି ଖବର ସାମ୍ନାକୁ ଆସିଛି । ଏଠାରେ ତଲସରା ପୁଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ ସହ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି ।

# ଲାଠିକଟାରେ ୯୭ ଅଭିଯୋଗ ହସ୍ତଗତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଲାଠିକଟା ବ୍ଲକ୍ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସଭାକକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ମୋଟ ୯୭ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା



ବେଳେ ୬୬ଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୫ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୪ ଜଣ ବ୍ୟକ୍ତି ଆବେଦନ କରିଥିଲେ । ସେମାନଙ୍କୁ ୩୭,୫୦୦ ଟାଙ୍କର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଡିଏଫଓ ରବି ମୀନା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ ଆସନ୍ତା ସୋମବାର ୨୦ ଜୁଲାଇରେ ବଡ଼ଗାଁ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାର ଧରାଶାୟୀ

ଭାରତୀୟ ସେୟାର ବଜାରରେ 'ଭୂକମ୍ପ'। ବୁଧବାର ୨୨ ଜୁଲାଇରେ ମଧ୍ୟାହ୍ନ ଯାଏଁ ଏହି ଝଟକା ଏତେ ଜୋରଦାର ଥିଲା ଯେ, ସେନସେକ୍ସ ଓ ନିଫ୍ଟି ଭଳି ପ୍ରମୁଖ ସୂଚକାଙ୍କରେ ୧% ହ୍ରାସ ଦେଖିବାକୁ ମିଳିଛି। ସେଭଳି ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରରେ ଏଥିରେ ଅଧିକ ହ୍ରାସ ହୋଇଛି। ଚାରିଘଣ୍ଟା ଟ୍ରେଡିଂରେ ବିଏସ୍ଇ ନିବେଶକଙ୍କୁ ପ୍ରାୟ ୪ ଲକ୍ଷ କୋଟିର କ୍ଷତି ସହିବାକୁ ପଡିଛି। ଏହି ଲିଷ୍ଟେଡ୍ କମ୍ପାନୀର ମାର୍କେଟ କ୍ୟାପ୍ ୪,୮୦,୩୪,୩୪୦.୨୭ ଟଙ୍କା ରହି ଯାଇଛି। ଏହା ପୂର୍ବରୁ ୨୧ ଜୁଲାଇରେ ମୋଟ ମାର୍କେଟ କ୍ୟାପ୍ ୪,୮୪,୨୯,୮୩୯.୧୦ ଟଙ୍କା ଥିଲା। ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ସେନସେକ୍ସ ୮୦୦ ପଏଣ୍ଟରୁ ଅଧିକ (ପ୍ରାୟ ୧%) ହ୍ରାସ ପାଇ ୭୬,୬୪୧.୧୯ ନିମ୍ନ ସ୍ତରରେ ପହଞ୍ଚି ଯାଇଛି। ସେଭଳି ନିଫ୍ଟି ୫୦% ନିଜର ଗୁରୁତ୍ୱପୂର୍ଣ୍ଣ ସମର୍ଥନ ସ୍ତର ୨୪,୦୦୦ ରେ ତଳକୁ ଖସି ୨୩,୯୬୧.୪୦ ପର୍ଯ୍ୟନ୍ତ ଆସିଯାଇଛି, ଯାହାକି ୨୦୦ ପଏଣ୍ଟ (ପ୍ରାୟ ୧%) ହ୍ରାସ ଥିଲା। ନିଫ୍ଟି ମିଡକ୍ୟାପ୍ ୧୦୦ ଓ ସ୍ମଲକ୍ୟାପ୍ ୧୦୦ ଇଣ୍ଡେକ୍ସରେ ପ୍ରାୟ ଦେଢ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ସେୟାର ବଜାରରେ ହ୍ରାସର ୫ କାରଣ ୧– ଟ୍ରମ୍ପଙ୍କ ଟାରିଫ୍ : ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ୧ ଅଗଷ୍ଟ ୨୦୨୮ରୁ ଆମେରିକାରୁ ଆସୁଥିବା ସବୁ ଜେନେରିକ୍ ଔଷଧ ଉପରେ ୧୦୦% ଟାରିଫ ଲଗାଇବାର ନିଷ୍ପତ୍ତି ନେଇଥିଲେ, ଯାହାକି ଆସନ୍ତା ବର୍ଷରୁ ବଢି ୨୦୦% ହୋଇଯିବ। ଏହାଛଡା, ଆମେରିକା ବାଣିଜ୍ୟ ପ୍ରତିନିଧି ସଙ୍କେତ ଦେଇଛନ୍ତି ଯେ, ବହୁ ଦେଶ ଉପରେ ଖୁବ୍ ଶୀଘ୍ର ନୂଆ ଟାରିଫ୍ ଲାଗିପାରେ। ଏହାଦ୍ୱାରା ବଜାରର ଧାରଣା ଦୁର୍ବଳ ହୋଇଛି। ୨– ଆମେରିକା-ଇରାନ ସଂଘର୍ଷ ବଢିବା : କୁଏତରେ ଥିବା ଆମେରିକାର ଆଡ୍ଡା ଉପରେ ଇରାନ ଡ୍ରୋନ୍ ହମଲା କରିବା ଏବଂ ଆମେରିକା ଇରାନର ପରମାଣୁ ୟୁନିଟ୍ ନିକଟରେ ଆକ୍ରମଣ କରିବା ଏହାର ଏକ କାରଣ। ଇରାନ ଚେତାବନୀ ଦେଇଛି ଯେ, ଯଦି ଆକ୍ରମଣ ଜାରି ରୁହେ ତେବେ ସଂଘର୍ଷ ଆହୁରି ବଢିବ। ଏହି ବିବାଦ କାରଣରୁ ତୈଳ ଦର ବଢିବାରେ ଲାଗିଛି, ଯାହା ଭାରତ ଭଳି ବଡ ଅଏଲ ଆମଦାନୀ କରୁଥିବା ଦେଶ ପାଇଁ ଚିନ୍ତାର ବିଷୟ ପାଲଟିଛି। ୩– ତୈଳ ଦାମ୍ ୯୨ ଡଲାର ପ୍ରତି ବ୍ୟାରେଲ ପାର: ଲଗାତାର ଚତୁର୍ଥ ଦିନ ତୈଳ ଦର ବୃଦ୍ଧି ଓ ବ୍ରେଣ୍ଟ କ୍ରୁଡ୍ ୯୨.୬୭ ଡଲାର ପ୍ରତି ବ୍ୟାରେଲ୍ ପହଞ୍ଚି ଯାଇଛି, ଯାହାକି ଚଳିତ ବର୍ଷ ୧୧ ଜୁନ୍ ପରେ ସବୁଠାରୁ ଉଚ୍ଚସ୍ତରରେ ରହିଛି। ଏହାଦ୍ୱାରା ଦରଦାମ୍ ବୃଦ୍ଧି ଓ ସୁଧ ହାର ବଢିବାର ଡର ରହିଛି। ୪– ଟଙ୍କା ଦୁର୍ବଳ ହେବା: ବୁଧବାର ପ୍ରାରମ୍ଭିକ କାରବାରରେ ଟଙ୍କା ୧୧ ପଇସା ହ୍ରାସ ପାଇ ୯୬.୩୬ ଟଙ୍କା ପ୍ରତି ଡଲାରରେ ଆସିଯାଇଥିଲା। ତୈଳ ଦାମ୍ ଓ ଆମେରିକା-ଇରାନ ବିବାଦ କାରଣରୁ ଡଲାର ଆବଶ୍ୟକତା ବଢିଯାଇଥିଲା, ଯାହାଫଳରେ ଚାପ ପଡିଥିଲା। ଏହାଦ୍ୱାରା ଭାରତର ବିଲ୍ ଓ ଦରଦାମ୍ ବୃଦ୍ଧ ଚିନ୍ତା ବଢି ଯାଇଥିଲା। ୫– ଡଲାର ଓ ଆମେରିକା ବଣ୍ଡ ୟିଲ୍ଡରେ ବୃଦ୍ଧି : ଡଲାର ଇଣ୍ଡେକ୍ସ ୧୦୧ ଉପରେ ରହିଛି ଓ ଆମେରିକା ୧୦ ବର୍ଷର ବଣ୍ଡର ୟିଲ୍ଡ ୪.୫୪୫%ରୁ ବଢି ୪.୬୩୫% ହୋଇଯାଇଛି। ସେଭଳି ଡଲାର ଓ ବଣ୍ଡ ୟିଲ୍ଡ ଯଦି ବଢେ, ତେବେ ବିଦେଶୀ ନିବେଶକ ଭାରତ ଭଳି ଉଦୀୟମାନ ଅର୍ଥ ବ୍ୟବସ୍ଥାରୁ ନିଜର ଟଙ୍କା ବାହାର କରି ଆମେରିକାରେ ସୁରକ୍ଷିତ ନିବେଶରେ ଲଗାଇବା ଆରମ୍ଭ କରିଦେଇଥାନ୍ତି। ଯାହାଫଳରେ ସେୟାର ବଜାରରେ ବିକ୍ରିର ଚାପ ବଢିଥାଏ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

"ପୂଜା"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପୂଜାର ତାତ୍ପର୍ଯ୍ୟ ହେଉଛି "ପୂର୍ଣ୍ଣ ଜାଗ୍ରତ" ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପଣ। ଲୋକ ଦେଖାଣିଆ ନ ହୋଇ ଈଶ୍ୱରଙ୍କ ପାଖରେ କାୟ, ମନ, ବାକ୍ୟକୁ ଅର୍ପଣ କରିବା ହିଁ ସୋହଁ। ସବୁ ସେଇ ସେ ଅର୍ଥ ଈଶ୍ୱର "ଈ" ଏହି ଅକ୍ଷରଟି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅକ୍ଷର ବ୍ରହ୍ମ। ତେଣୁ ଯାହାର ଇଙ୍ଗିତରେ କୋଟୀ କୋଟୀ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସଂହାର ତାକୁ ଆମେ କଣ ଦେଇ ପୂଜା କରିପାରିବା। ସେଇଠି କେବଳ ଭାବ, ଭକ୍ତି, ପ୍ରେମର ଭୋଗକୁ, ଉତ୍ସର୍ଗୀକୃତ କରି ପାରିଲେ ଈଶ୍ୱରଙ୍କ ପୂଜାର ଶ୍ରେଷ୍ଠ ଉପହାର ଭକ୍ତର ହୋଇଥାଏ। ଏହାହିଁ ସରଳ ମାର୍ଗ। ତେଣୁ ଭଗବାନ ଶବ୍ଦଟି ହେଉଛି "ଭ" ଭବସଂସାରରୁ ଯେ ତାରଣ କରି ଭକ୍ତକୁ ଯେଉଁ ପ୍ରଭୁ ଶ୍ରେଷ୍ଠ ମାର୍ଗ ପ୍ରଦାନ କରିଥାଆନ୍ତି ସେହିଁ ଭଗବାନ।

"ଗ"ର ଅର୍ଥ ହେଉଛି ବା ଆକାଶ ପରି ଯେ ସର୍ବବ୍ୟାପକ ସେ ହିଁ ଈଶ୍ୱର ବା ଭଗବାନ ତୃତୀୟ ଅକ୍ଷରଟି ହେଲା "ବା" ବାୟୁ ବା ପବନ ରୂପରେ ସକଳ ଜୀବ ଦେହରେ ପ୍ରାଣବାୟୁ ହୋଇ ଜୀବକୁ ଜୀବ ଜଗତରୁ ଯେ ସକଳ ଆନନ୍ଦ ପ୍ରଦାନ କରିଥାଆନ୍ତି ସେ ହିଁ ଭଗବାନ ଚତୁର୍ଥ ଅକ୍ଷରଟି ହେଲା "ନ" ନ ଅକ୍ଷରଟି ହେଲା ନକରାତ୍ମକ ନର୍କରୁ ଭକ୍ତଙ୍କୁ ଉଦ୍ଧାର କରି ନର ନାରାୟଣ ରୂପରେ ଜଗତରୁ ଜୀବକୁ ଶିବ ତତ୍ତ୍ୱ ବା ସ୍ୱହଂ ମନ୍ତ୍ରରେ ଦୀକ୍ଷିତ କରି ସକଳ ପାପ ତାପରୁ ମୁକ୍ତ କରି ପରବ୍ରହ୍ମ ତତ୍ତ୍ୱକୁ ଗୁରୁ ଶିଷ୍ୟ ପରମ୍ପରାରେ ସୁଦୃଢ କରି ଜଗତରେ ସମଭାବର ସମନ୍ୱୟ ସୃଷ୍ଟି କରିଥାଆନ୍ତି। ସେହିଁ ଭଗବାନ, ସେହିଁ ଈଶ୍ୱର, ସେହିଁ ଜଗତଗୁରୁ, ଏହି ଭାବନାରେ ଜୀବ ବ୍ରତୀ ହୋଇ ସକଳ ଦେହେ ନାରାୟଣଙ୍କୁ ଦର୍ଶନ କରିବାହିଁ ପୂଜା। ହରିଓଁ।

# ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ଶ୍ରୀବିଗ୍ରହ ମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଏ। ଏହି ଦିବସରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶରଧାବାଲିରେ ଅପେକ୍ଷା କରିଥିବା ତିନି ରଥରେ ଅଧିଷ୍ଠିତ କରାଯାଏ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଦିନ ସହ ଉକ୍ତ ଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ ହୋଇଥାଏ। ଗୁଣ୍ଡିଚା ମନ୍ଦିର ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାତ ଦିନର ରହଣି କାଳର ସେବା ପୂଜା ଆଦି ସମସ୍ତ କର୍ମ ଶ୍ରୀମନ୍ଦିର ବିଧିବିଧାନ ଅନୁସାରେ କରାଯାଇଥାଏ। ଗୁଣ୍ଡିଚା ମନ୍ଦିର ପ୍ରବେଶଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ମନ୍ଦିରରେ ଯେଉଁ ପ୍ରସାଦ ହୁଏ ତାକୁ 'ଆଡପ ଅବଢ଼ା' କୁହାଯାଏ। ଭୋରରୁ ଠାକୁର ମାନଙ୍କର ମଙ୍ଗଳ ଆରତୀ, ବାଳଭୋଗ, କୋଠଭୋଗ, ଖେଚଡ଼ି ଭୋଗ, ତିନି ଧୂପ, ବଡସିଂହାର, ଦେଉଳ ଶୋଧ ଆଦି ପ୍ରାତ୍ୟହିକ କର୍ମ ସମ୍ପାଦିତ ହୁଏ। ମହାପ୍ରଭୁଙ୍କର ରତ୍ନବେଦୀରୁ ଜନ୍ମବେଦୀର ସମ୍ପୂର୍ଣ୍ଣ ଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଏବଂ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ। ଜଗତର ନାଥ ଶ୍ରୀଜଗନ୍ନାଥ କଳି ଯୁଗରେ ଦାରୁବ୍ରହ୍ମ ରୂପରେ ମାନବୀୟ ଲୀଳା ରୂପକ ବରଷକେ ଥରେ ଗୁଣ୍ଡିଚା ଯାତରେ ଯାଆନ୍ତି। ଏହିଯାତ୍ରା କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ପତ୍ନୀ ଗୁଣ୍ଡିଚା ରାଣୀଙ୍କୁ କଥା ଦେଇଥିଲେ। ପ୍ରଭୁ ଭାଇ ଏବଂ ଭଉଣୀଙ୍କୁ ନେଇ ଘୋଷଯାତ୍ରାରେ ଗୁଣ୍ଡିଚା ଅଭିମୁଖେ ଯାଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଯାତ୍ରା ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ସମଗ୍ର ମାନବ ସମାଜକୁ ଶିକ୍ଷା। ତୁମେ ଯେତେ ବ୍ୟସ୍ତରେ ଥିଲେବି ନିଜର ଜନ୍ମ ଭୂମିକୁ ଭୁଲିବା ଉଚିତ୍ ନୁହେଁ। ପରିବାର ବର୍ଗଙ୍କର ସ୍ନେହ ଶ୍ରଦ୍ଧା ଭୁଲିବା ଉଚିତ୍ ନୁହେଁ। ଯାହାକୁ ଯେଉଁ କଥା ଦେଇଥିବ ସେହି କଥା ପାଳନ କରିବା ଉଚିତ୍। ଜୀବନରେ ଯେତେ କଠିନ ପରିସ୍ଥିତିର ସମ୍ମୁଖୀନ ହେଲେବି ସେଥିରୁ ବିଚ୍ୟୁତ ହେବନାହିଁ। କଥା ଦେଇ ଯିଏ କଥା ରଖି ନପାରେ ସେଭଳି ଲୋକଙ୍କ ଜୀବନ ମୂଲ୍ୟହୀନ। ତେଣୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରା କରି ପ୍ରଭୁ ଜଗତକୁ ତାଙ୍କ ଲୀଳାରେ ଦର୍ଶେଇ ଦେଇଛନ୍ତି। ଘୋଷଯାତ୍ରା ପରି ବାହୁଡ଼ା ଯାତ୍ରାବି ବିଶ୍ୱ ପ୍ରସିଦ୍ଧ। ସର୍ବ ଶୁଭ କାର୍ଯ୍ୟ ଏହି ବାହୁଡ଼ ଯାତ୍ରାରେ ସମ୍ପୂର୍ଣ୍ଣ ହେବାର ବିଧି ରହିଛି।

ଦଶମୀ ତିଥିରେ ମହାପ୍ରଭୁଙ୍କ ମହାନ ପ୍ରତ୍ୟାବର୍ତ୍ତନର ଯେଉଁ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ ତାହାର ସମସ୍ତ ବିଧିବିଧାନ ଓ ଠାକୁର ମାନଙ୍କର ପୂଜା ଅର୍ଚ୍ଚନା ଠିକ୍ ଗୁଣ୍ଡିଚା ଯାତ୍ରା ଭଳି କରାଯାଇଥାଏ। ନବମୀ ଦିନ ରାତିରେ ବଡ଼ସିଂହାର, ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ଏହା ପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି। ରାଘବ ଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି କରାଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ସାହାର୍ଯ୍ୟରେ ପୂଜା ସମାପନ ହୋଇଥାଏ। ଏହା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ଗୁପ୍ତ ନୀତି କରିଥାନ୍ତି। ଉକ୍ତ କାର୍ଯ୍ୟ ଶେଷ ହେବାପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତପୂରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବା ପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ।

ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିୟା ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି କରିଥାନ୍ତି। ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢାଇଥାନ୍ତି। ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ସ୍ୱ ସ୍ୱ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢିଥାଏ। ଉକ୍ତ ଦିନ ମଧ୍ୟ ଗଜପତି ବଡ଼ଶଙ୍ଖଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତାମଯାନରେ ବସି ଗୁଣ୍ଡିଚା ଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି। ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥରେ ଛେରା ପହଁରା କରିଥାନ୍ତି। ଛେରା ପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଙ୍ଗେ ସଙ୍ଗେ ରୂପକାର ସେବକମାନେ ରଥରେ ଘୋଡ଼ା ବନ୍ଧାଯାଇ ଡାହୁକ ବସେ। ମହାରଣା ଓ ଭୋଇ ସେବକମନେ ରଥ ଦଉଡି ଲଗାଇବା ପରେ ରଥଟଣା ହୋଇଥାଏ। ମାଉସୀମା ମନ୍ଦିରରୁ ପୋଡ଼ ପିଠା ଭୋଗ ଖାଇସାରି ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ଶ୍ରୀଜଗନ୍ନାଥଙ୍କର ପହଣ୍ଡି ବିଜେ ହେଉ ହେଉ ସିଂହଦ୍ୱାରର ପ୍ରଧାନ ଫାଟକକୁ ମାଆ ଲକ୍ଷ୍ମୀ ଅଭିମାନରେ ବନ୍ଦ କରି ଦିଅନ୍ତି। ଅଭିମାନର କାରଣ ଶ୍ରୀଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଏକାକି ଛାଡିଦେଇ ମହାପ୍ରଭୁ ଭାଇ ଭଉଣୀଙ୍କୁ ସଙ୍ଗରେ ନେଇ ନବଦିନ ଯାତ୍ରା କରିଥିଲେ ବୋଲି। ସେବକ ମାନଙ୍କ ବଚନିକା ଜରିଆରେ ଜଗନ୍ନାଥେ ଲକ୍ଷ୍ମୀଙ୍କୁ ନାନା ଭାବରେ ବୁଝାଇ ରସଗୋଲା ଖୁଆଇ ମାଆଙ୍କର ମାନ ଭଞ୍ଜନ କରି ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି। ଏଥିରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଉତ୍କଳର ନରନାରୀ ନିଜର ପରିବାରର ଲୋକ ଭାବରେ ଗ୍ରହଣ କରି ନେଇଛନ୍ତି ବୋଲି ମନେ ହୋଇଥାଏ ଓ ମହାପ୍ରଭୁ ଅବିକଳ ମଣିଷ ପରି ସ୍ନେହ, ଅଭିମାନ ପ୍ରକାଶ କରି ଚଳପ୍ରଚଳ ବୋଲି ବିଶ୍ୱାସ କରାଯାଏ। ତେଣୁ ମହାପ୍ରଭୁଙ୍କର ରଥଯାତ୍ରା ଓ ବାହୁଡା ଯାତ୍ରା ମଣିଷର ଜୀବନ ଚଳଣିର ଯାତ୍ରା ସହ ସାମଞ୍ଜସ୍ୟ ଥାଏ ବୋଲି ଜନମାନସରେ କଥିତ ଅଛି। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ।

# ତିନି ରଥର ଧ୍ୱଜାଙ୍କ ମହତ୍ତ୍ୱ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କେବଳ ଯେ ଗୋଟିଏ ଧାର୍ମିକ ଅନୁଷ୍ଠାନ ତାହା ନୁହେଁ ବରଂ ଏହା ଏକ ସାମାଜିକ ସମନ୍ୱୟତାର ଯାତ୍ରା। ଭକ୍ତ ଭଗବାନଙ୍କ ମିଳନ ପର୍ବ ଠାରୁ ବି ଅଧିକ ଏହା ପରଂବ୍ରହ୍ମଙ୍କ ପରମ ସାଂକେତିକ ଯାତ୍ରା। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ସଂକେତ ଓ ସଂସ୍କାରର ସଂସ୍କୃତି। ମହାପ୍ରଭୁ ନିଜେ ସାଂକେତିକ ବିଗ୍ରହ। ତାଙ୍କ ଯାତ୍ରା ମଧ୍ୟ ତାଙ୍କରି ପରି ସାଂକେତିକ। ଏହି ଯାତ୍ରାରେ ରଥ ପଥ ଜଗନ୍ନାଥ ସମସ୍ତେ ପ୍ରାଣକୁ ପୂର୍ଣ୍ଣ ସମର୍ପଣ ସହ ପ୍ରେମଯୁକ୍ତ ଭକ୍ତିରେ ନିମଜ୍ଜି ଯିବାକୁ ଆହ୍ୱାନ କରେ। ତେଣୁ ଉପେନ୍ଦ୍ରଭଞ୍ଜ କହିଲେ-ଭକ୍ତି ଦେବା ଗୁପ୍ତ ହୋଇଛି ଯୁକ୍ତାକ୍ଷରେ// ବୈଷ୍ଣବ ବିହୁନେ କେବା ଜାଣିବ ସଂସାରେ।

ମହାପ୍ରଭୁଙ୍କ ଲୀଳାକୁ ଜାଣିବାକୁ ହେଲେ ବୈଷ୍ଣବ ପରି ସମର୍ପଣ ସହ ତାଙ୍କ ସଂକେତକୁ ବୁଝିବାକୁ ହେବ। ତେଣୁ ତ ଭଗବାନ ଗୀତାରେ କହିଛନ୍ତି-

**ନାହଂ ତିଷ୍ଠାମି ବୈକୁଣ୍ଠ**
**ଯୋଗୀନାଂ ହୃଦୟେ ନ ଚ**
**ମଦ୍‌ଭକ୍ତାଃ ଯତ୍ର**
**ଗାୟନ୍ତି ତତ୍ର ତିଷ୍ଠାମି ନାରମଃ**

ସେଇ ପରମ ସାଂକେତିକ ବିଗ୍ରହଙ୍କ ସଂକେତ ବହନ କରୁଥିବା ଶ୍ରୀମନ୍ଦିରର ପତିତପାବନ ବାନା ଏଇ କୀର୍ତ୍ତନ, ସମର୍ପଣ ଓ ଭକ୍ତିର ବାର୍ତ୍ତା ହିଁ ତ ଦେଉଛି। ତେଣୁ ଭକ୍ତ ଏହି ବାନାକୁ ଦେଖି ଭବ ଜଳରୁ ଉଦ୍ଧାର ପାଇଁ ମିନତି କରିଛି-

**ପତିତପାବନ ବାନା**
**ଆଉ କେତେ ବେଳକୁ**
**ଭାସିଗଲି ଭବ ଜଳେ**
**ନାବ ଦିଅ କୂଳକୁ**

ସେଇ ଏକ ପତିତପାବନ ବାନା ପୁଣି ରଥଯାତ୍ରା କାଳରେ ତ୍ରି ଧ୍ୱଜା ସ୍ୱରୂପ ନେଇ ଅଗଣିତ ଭକ୍ତ ମାନଙ୍କୁ କାହିଁ କେଉଁ ଦୂରରୁ ପ୍ରଭୁଙ୍କ ଆସିବାର ବାର୍ତ୍ତା ଦେଉଥାଏ। ରଥ ପ୍ରତିଷ୍ଠା ହୋଇ କଳସ ଉପରେ ଧ୍ୱଜା ବନ୍ଧ ହେଲା ପରେ ରଥ ମଧ୍ୟ ଜୀବନ୍ତ ହୋଇ ଦାରୁବ୍ରହ୍ମଙ୍କ ସାଂକେତିକ ପ୍ରତିନିଧି ହୋଇ ଯାଏ। ତେଣୁ ତ ଯେତେବେଳେ ଏହି ପୂଜା କିମ୍ବା ରଥକୁ ଦେଖି ଭକ୍ତମାନେ ଭୋଗ ରାଗ ଇତ୍ୟାଦି ଫିଙ୍ଗନ୍ତି ପ୍ରଭୁ ତାକୁ ଗ୍ରହଣ କରନ୍ତି।

**ପତ୍ରଂ, ପୁଷ୍ପଂ, ଫଳଂ,**
**ତୋୟଂ ଯୋ ମେ ଭକ୍ତ୍ୟା ତ୍ରୟଛତି**
**ସର୍ବା ସାମଣି ସିଦ୍ଧିନାଂ**
**ମୂଳଂ ତତ୍ ଚରଣାର୍ଚ୍ଚନମ୍**

ତେବେ ରଥଯାତ୍ରାରେ ଯେପରି ମହାପ୍ରଭୁଙ୍କ ତିନି ରଥର ନାମ, ବର୍ଣ୍ଣ, ଚକ, ପାର୍ଶ୍ୱଦେବତା, ଅଶ୍ୱ, ଦଉଡି ଆଦି ଅଙ୍ଗମାନଙ୍କ ବିଶେଷ ନାମ ସହ ବିଶେଷ ମହତ୍ତ୍ୱ ଅଛି, ପ୍ରଭୁଙ୍କ ପୂଜାମାନଙ୍କର ମଧ୍ୟ ଅନୁରୂପ ଗୁରୁତ୍ୱ ଅଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷରଥକୁ କପିଧ୍ୱଜ ମଧ୍ୟ କୁହାଯାଏ କାରଣ ମହାଭାରତ ଯୁଦ୍ଧ ସମୟରେ ଏହି ରଥରେ ସ୍ୱୟଂ ପବନପୁତ୍ର ହନୁମାନ ବିରାଜମାନ କରି ରଥର ରକ୍ଷା କରୁଥିଲେ। ମାତ୍ର ପୌରାଣିକ ଉପାଖ୍ୟାନ ଅନୁସାରେ ପ୍ରଥମେ ଏହି ରଥକୁ ଦେବରାଜ ଇନ୍ଦ୍ର ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ରାବଣ ସହ ଯୁଦ୍ଧ ସମୟରେ ଦେଇଥିଲେ। ପୂର୍ବରୁ ନାଗଫାଶରେ ବନ୍ଦି ହୋଇସାରିଥିବା ଶ୍ରୀରାମଙ୍କୁ ସୁରକ୍ଷା ଦେବାପାଇଁ ସ୍ୱୟଂ ଗରୁଡ ଏହି ରଥର ଧ୍ୱଜା ହୋଇ ରହିଥିଲେ। ତେଣୁ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ଗରୁଡ ମହାରାଜ ବିଜେ କରିଛନ୍ତି। ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ନିଜର ଭକ୍ତକୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରି ପ୍ରଭୁ ତାର ମାନ ବୃଦ୍ଧି କରିଥିବା ବେଳେ ଯେପରି ଶିବଙ୍କ ପାଖକୁ ବାର୍ତ୍ତା ଦେବାକୁ ହେଲେ ନନ୍ଦିଙ୍କ ଉପାସନା ବିଧେୟ ସେହିପରି ମହାପ୍ରଭୁଙ୍କୁ ଦେଖିବାକୁ ହେଲେ ଗରୁଡଙ୍କ ଉପାସନା ଆବଶ୍ୟକ। ଅନ୍ୟ ଏକ ମତକୁ ବିଚାର କଲେ ଦେଖାଯାଏ ଯେଉଁ ଭକ୍ତମାନେ ବର୍ଷସାରା ମନ୍ଦିର ଭିତରେ ଗରୁଡ ସ୍ତମ୍ଭ ନିକଟରୁ ମହାପ୍ରଭୁଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି ସେମାନେ ଏହି ଗରୁଡ ଧ୍ୱଜକୁ ଗରୁଡ ସ୍ତମ୍ଭ ଭାବେ ଜାଣି ତାକୁ ହିଁ ଆଶ୍ରା କରି ପ୍ରଭୁଙ୍କ ଦର୍ଶନ କରିପାରିବେ।

**ଗରୁଡ ପଛରେ ରହି ଦେଖ କି**
**ଶୋଭା ପାଉଛି ପଦ୍ମମୁଖ**
**ହୀରା ନୀଳା ମୋତି ମାଣିକ୍ୟ ଜଳୁଛି**
**ହୃଦେ ଲମ୍ବିଛି ବ୍ୟାଘ୍ର ନଖ।**

ଏବଂ ଏହି ରଥ ଧ୍ୱଜାର ଆୟୁଧ- ଚକ୍ର ଓ ଶଙ୍ଖ ସାକ୍ଷାତ ଗରୁଡାସାନ ବିରାଜିତ ଜଗନ୍ନାଥ ରୂପି ବିଷ୍ଣୁଙ୍କ ଦର୍ଶନ କରାଇଥାଏ। ଏବଂ ଗରୁଡଙ୍କ ସଂରକ୍ଷଣରେ ଥିବା ପ୍ରଭୁଙ୍କ ତ୍ରୈଲୋକ୍ୟ ମୋହିନୀ ବାନା ବଡ ଦାଣ୍ଡରେ ଉଡୁଥିବା ବେଳେ ଭକ୍ତମାନଙ୍କୁ ମୋହିତ କରି ପ୍ରଭୁଙ୍କ ନିକଟତର କରୁଥାଏ।

ଚତୁର୍ଦ୍ଦଶ ବ୍ରହ୍ମାଣ୍ଡର ନାୟକ ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ କିମ୍ବା ଲାଙ୍ଗଳଧ୍ୱଜ ନାମକ ରଥର ଶିରୋଦେଶରେ ଧ୍ୱଜାର ରକ୍ଷକ ଭାବେ ସ୍ୱୟଂ ଅନନ୍ତନାଗ କିମ୍ବା ବାସୁଦେବ ବିରାଜିତ ଏବଂ ଏହାର ଉପରେ ଉନ୍ନାନି ନାମକ ଧ୍ୱଜା ବା ବାନା ଉଡୁଥାଏ ଯେଉଁଥିରେ କି ତାଳଗଛର ଚିହ୍ନ ଥାଏ। ପ୍ରଭୁ ବଳଭଦ୍ର ହେଲେ ସୃଷ୍ଟି, ସ୍ଥିତି ଏବଂ ସଂହାର ପରିଚୟ ତାଙ୍କ ବର୍ଣ୍ଣନାରେ କୁହାଗଲା–

**'ବଳାନାଂ ବଳ ଶ୍ରେଷ୍ଠଂ**
**ଭଦ୍ରାନାଂ ଭଦ୍ର ଶ୍ରେଷ୍ଠଂ'**

ଅର୍ଥାତ ଶକ୍ତି ଓ ସଂଯମତା ତାଙ୍କର ପରିଚୟ ତେଣୁ ଉନ୍ନନୀ ନାମକ ପ୍ରଭୁଙ୍କ ଏହି ବାନା ଭକ୍ତଙ୍କୁ ପ୍ରକୃତି ସହ ଯୋଡି ହୋଇ ରହିବାକୁ ବାର୍ତ୍ତା ଦେଉଛି। ପୌରାଣିକ ଉପାଖ୍ୟାନ ଅନୁସାରେ ଧେନୁକାସୁରକୁ ତଳବନରେ ପରାସ୍ତ କରିଥିବାରୁ ଏହାର ସ୍ମାରକି ରୂପ ପ୍ରଭୁଙ୍କୁ ଦେବତାମାନେ ତାଳଧ୍ୱଜ ରଥ ଦେଇଥିଲେ। ମାତ୍ର ଜୀବର ପରମାତ୍ମା ସହ ମିଳନ ନିମିତ୍ତ ଯେଉଁ ଉନ୍ନତ ଚେତନାର ଆବଶ୍ୟକତା ଅଛି ତାହାହିଁ ପ୍ରଭୁ ବଳଭଦ୍ରଙ୍କ ଉନ୍ନନୀ ବାନାର ବାର୍ତ୍ତା ବଡଦାଣ୍ଡରେ ଥିବା ଭକ୍ତମାନଙ୍କ ଉନ୍ନତ ମୁଖା ହୋଇ ମୋକ୍ଷ ପ୍ରାପ୍ତି ନିମନ୍ତେ ପଥ ଦେଖାଏ ଶ୍ରୀ ବଳଭଦ୍ରଙ୍କ ଏହି ଧ୍ୱଜା।

ଦ୍ୱାଦଶ ଚକ ବିଶିଷ୍ଟ ମା ସୁଭଦ୍ରାଙ୍କ ରଥର ଅନ୍ୟ ନାମ ହେଲା ପଦ୍ମଧ୍ୱଜ। ପଦ୍ମ ହେଉଛି ଜୀବର ପ୍ରତୀକ। ଯାହା ଆତ୍ମା ଭାବରେ ସଂସାର ରୂପି ପଙ୍କ ମଧ୍ୟରୁ ଫୁଟି ଈଶ୍ୱରଙ୍କୁ ସମର୍ପିତ ହୋଇଥାଏ। ମା ସୁଭଦ୍ରା ହେଲେ

**ଯୋଗିନାଂ ଯୋଗ ଗମ୍ୟାଂ**
**ଜ୍ଞାନିନାଂ ଜ୍ଞାନଗମ୍ୟାଂ**

ସେ ମହାପ୍ରଭୁଙ୍କ କ୍ରିୟା ଶକ୍ତି ସ୍ୱୟଂ ଯୋଗମାୟା ତେଣୁ ତାଙ୍କ ରଥରେ ଥିବା ବାନାର ନାମ ହେଲା ନାଦମ୍ବିକା ଏବଂ ଏହାର ରକ୍ଷକ ହେଲେ ସ୍ୱୟଂ ଜୟଦୁର୍ଗା। ନାଦମ୍ବିକାର ଦାର୍ଶନିକ ମହତ୍ତ୍ୱ ହେଲା ଏହା ଏକ ନାଦରୁ ସୃଷ୍ଟିର ନିର୍ମାଣର ପ୍ରତୀକ। ସୁଭଦ୍ରା ପ୍ରକୃତି ସ୍ୱରୂପିଣୀ ତେଣୁ ଫର ଫର ହୋଇ ଉଡିଲା ବେଳେ ଭକ୍ତମାନଙ୍କୁ ମନରେ ସେଇ ଆଦି ନାଦ 'ଓଁ' ର ଧ୍ୱନି ସଂଚାର କରି ଏହି ବାନା ସୃଷ୍ଟିର କାରଣ ମା ଙ୍କ ଆଗମନର ସୂଚନା ପ୍ରଦାନ କରିଥାଏ। ଏବଂ ଏହି ବାନା ମଧ୍ୟରେ ଥିବା ପଦ୍ମ ଶୁଦ୍ଧତା ଓ ସମୃଦ୍ଧିର ବରଦାନ ଦେଇଥାଏ।

ମହାପ୍ରଭୁଙ୍କ ଲୀଳା ଯେପରି ଅସୀମ ତାଙ୍କର ତତ୍ତ୍ୱ ମଧ୍ୟ ସେହିପରି ଅସୀମ, ସେହି ପତିତପାବନ ବାନା ତ୍ରୈଲୋକ୍ୟ ମୋହିନୀ, ଉନ୍ନନୀ ଓ ନାଦମ୍ବିକା ଭାବେ ରଥଯାତ୍ରା ବେଳେ ଭକ୍ତଙ୍କୁ ଭଗବାନଙ୍କ ସହ ମିଳନର ତତ୍ତ୍ୱ ବୁଝାଉଥିବା ବେଳେ ପୁନଃ ଏକୀଭୂତ ହୋଇ ନୀଳଚକ୍ର ଉପରେ ପାତକିମାନଙ୍କୁ ଶ୍ରୀକ୍ଷେତ୍ରକୁ ଆସି ମୁକ୍ତି ପାଇବାକୁ ଡାକୁଥାଏ।

# ଜନ୍ମବେଦୀରୁ ରତ୍ନବେଦୀ ଯାତ୍ରାରେ ଶ୍ରୀଜୀଉ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଉତ୍କୃଷ୍ଟ କଳାର ଦେଶ ହେଉଛି ଏ ଉତ୍କଳ ପ୍ରଦେଶ। ଉତ୍କଳର କଳା, ସଂସ୍କୃତି ଏବଂ ପରମ୍ପରା ଅତି ମହାନ। ଉତ୍କଳ ପ୍ରଦେଶରେ ରହିଛି ଜଗନ୍ନାଥ ଧାମ। ଏଠି ବାରମାସର ତେର ପର୍ବ ପାଳିତ ହୋଇଥାଏ। ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର, ନୀଳାଚଳ ଧାମ ବା ଶଙ୍ଖକ୍ଷେତ୍ରରେ ସାଧାରଣ ମଣିଷ ପରି ସମସ୍ତ ଲୀଳା ଖେଳା କରିଥାଆନ୍ତି ଶ୍ରୀଜୀଉ। ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ଚତୁର୍ଦ୍ଧା ବିଗ୍ରହ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ଯାତ୍ରା କରନ୍ତି ଚତୁର୍ଦ୍ଧା ବିଗ୍ରହ। ଓଡିଆରେ 'ବାହୁଡା' ଶବ୍ଦର ଅର୍ଥ ହେଉଛି ପ୍ରତ୍ୟାବର୍ତ୍ତନ। ଦେବଶୟନ ଏକାଦଶୀର ଶୁଭ ଦିନରେ ତିନି ଠାକୁର ସେମାନଙ୍କ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରନ୍ତି। ଏହା ରଥଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ବିଶ୍ୱ ପ୍ରସିଦ୍ଧ ପର୍ବର ଓଲଟା ପ୍ରକ୍ରିୟା। ଜନ୍ମବେଦୀ ଲୀଳା ସରିବା ପରେ ଆଡପ ମଣ୍ଡପ ଛାଡି ରଥାରୂଢ ହୋଇ ବାହୁଡ଼ି ଯାଆନ୍ତି ଚତୁର୍ଦ୍ଧାମୂର୍ତ୍ତି।

ଭକ୍ତି, ବିଶ୍ୱାସ ଓ ପରମ୍ପରାର ମହାପର୍ବ ହେଉଛି ରଥଯାତ୍ରା। କୋଟି କୈବଲ୍ୟନାଥ ଜଗତକର୍ତ୍ତା ମହାବାହୁ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା ଅନନ୍ୟ। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ଶ୍ରୀଜୀଉ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖି ହୋଇ ଯାତ୍ରା କରୁଥିବା ବେଳେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ। "ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ"। ରଥରେ ବାମନଙ୍କ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ। ଅର୍ଥାତ୍, ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତିମିଳେ। ଏହା ବହୁ ପୁରାକାଳରୁ ପ୍ରଚଳିତ ବିଶ୍ୱାସ। ଏହି ବିଶ୍ୱାସ ଲକ୍ଷ ଲକ୍ଷ ଭକ୍ତଙ୍କୁ ପ୍ରତିବର୍ଷ ଶ୍ରୀକ୍ଷେତ୍ରକୁ ଟାଣିଆଣେ ରଥଯାତ୍ରା ଦେଖିବାପାଇଁ। ସମସ୍ତେ ମହାପ୍ରଭୁ ଶ୍ରୀଜୀଉଙ୍କୁ ଦର୍ଶନ କରନ୍ତି ରଥ ଉପରେ।

ଧାଡ଼ି ପହଣ୍ଡିରେ ଶରଧାବାଲିରେ ଗହଳି ଲଗେଇ ରଥରେ ବିଜେ କରନ୍ତି ଦାରୁବ୍ରହ୍ମ। ବାଟରେ ମାଉସୀମା' ମନ୍ଦିରଠାରେ ମାଉସୀଙ୍କ ହାତରୁ ପୋଡ଼ପିଠା ଖାଆନ୍ତି ମହାପ୍ରଭୁ। ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀନଅର (ରାଜପ୍ରାସାଦ) ସମ୍ମୁଖରେ ପହଞ୍ଚିବା ପରେ ଏକ ସୁନ୍ଦର ମାନବୀୟ ଲୀଳା ଅନୁଷ୍ଠିତ ହୁଏ। ରଥଯାତ୍ରାରେ ନିଜକୁ ସାଙ୍ଗରେ ନେଇନଥିବାରୁ ମାଆ ଲକ୍ଷ୍ମୀ କ୍ରୋଧିତ ହୋଇଥାନ୍ତି। ତେଣୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀଙ୍କ ପାଲିଙ୍କି ଶ୍ରୀନଅର ସମ୍ମୁଖକୁ ଆସେ ଏବଂ ପ୍ରଭୁ ଜଗନ୍ନାଥ ମାଆଙ୍କ ମାନଭଞ୍ଜନ କରିବା ପାଇଁ ଗଇଁଠାଳ ପ୍ରସାଦ ଓ ଆଜ୍ଞାମାଳ ପ୍ରଦାନ କରନ୍ତି। ଏହାକୁ 'ଲକ୍ଷ୍ମୀ-ନାରାୟଣ ଭେଟ' ରୀତି କୁହାଯାଏ। ଏହା ହେଉଛି ବାହୁଡ଼ା ଯାତ୍ରାର ପରମ୍ପରା। ପୁଣିଥରେ ଭକ୍ତ ଓ ଭଗବାନଙ୍କ ମହାମିଳନ ହୁଏ। ବିଶ୍ୱବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ପରଂବ୍ରହ୍ମ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ଫେରିବା ବାଟକୁ ପ୍ରବଳ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି ରଥ, ପଥ ଓ ଭକ୍ତ।

ବାହୁଡ଼ା ଯାତ୍ରାର ପରଦିନ ବା ଆଷାଢ଼ ଶୁକ୍ଳ ଏକାଦଶୀ (ବାହୁଡ଼ା ଏକାଦଶୀ) ତିଥିରେ ଏକ ବିଶେଷ ନୀତି ପାଳନ କରାଯାଇଥାଏ। ଏହି ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ରଥ ଉପରେ ସ୍ୱର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାଆନ୍ତି। ଏହାକୁ ସୁନାବେଶ କୁହାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତିରେ ସୁନାବେଶ ହେଉଛି ମହାପ୍ରଭୁଙ୍କ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଅଳଙ୍କାର ସଜ୍ଜିତ ବେଶ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅଧରପଣା ଭୋଗ କରାଯାଇଥାଏ। ବାହୁଡ଼ା ଯାତ୍ରା ପରେ ସିଂହଦ୍ୱାରଠାରେ ତିନିରଥ ଉପରେ ସୁନାବେଶ ପରଦିନ ଅଧର ପଣା ନୀତି ହୋଇଥାଏ। ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମହାପ୍ରଭୁଙ୍କ ସହ ରଥରେ ଅନେକ ଦେବାଦେବୀ, ଦାନବ, ଗନ୍ଧର୍ବ, ଯକ୍ଷ, ଚଣ୍ଡି, ଚାମୁଣ୍ଡା ଯାତ୍ରା କରିଥାନ୍ତି। ଏସବୁ ଆତ୍ମାର ଶାନ୍ତି ନିମନ୍ତେ ନୀଳାଦ୍ରି ବିଜେ ପୂର୍ବରୁ ମହାପ୍ରଭୁ ଅଧର ଅମୃତ ପାନ କରିଥାନ୍ତି। ଏହି ପଣା ପାନ କରି ଅତୃପ୍ତ ଆତ୍ମା ମୁକ୍ତି ଲାଭ କରିଥାଏ। ବର୍ଷକୁ ଥରେ ମଣିଷଙ୍କ ପରି ପ୍ରେତାତ୍ମାମାନେ ମଧ୍ୟ ଚାହିଁ ବସିଥା'ନ୍ତି ରଥଯାତ୍ରାକୁ। ଅତୃପ୍ତ ଆତ୍ମା ତୃପ୍ତ ହୁଅନ୍ତି, ରଥଯାତ୍ରା ଶେଷଭାଗରେ ମହାପ୍ରଭୁ ମଧୁର ଅଧରରେ ପଣାହାଣ୍ଡି ସ୍ପର୍ଶ କରି ଏହାକୁ ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ଉଦ୍ଧାର କରିଥା'ନ୍ତି।

ପବିତ୍ର ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରିବିଜେ। ପରମ୍ପରା ଅନୁଯାୟୀ ରଥ ଉପରେ ସୁନାବେଶ, ଅଧରପଣା ଭୋଗର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୁଅନ୍ତି। ପରମ୍ପରା ଅନୁଯାୟୀ ତ୍ରୟୋଦଶୀ ତିଥିରେ ନୀଳାଦ୍ରିବିଜେ ହୋଇଥାଏ। ଏହି ପରମ୍ପରା ଅନେକ ବର୍ଷ ଧରି ହୋଇଆସୁଛି। ରଥ ଉପରେ ବିଗ୍ରହ ମାନଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଏ। ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୁଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଧରି ଦକ୍ଷିଣି ଘରକୁ ବିଜେ କରନ୍ତି। ତା'ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରନ୍ତି।

ଶ୍ରୀଗୁଣ୍ଡିଚା ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ରଥକୁ ଅଣାଯାଉଥିବା ବେଳେ ନୀଳାଦ୍ରିବିଜେରେ ଗୋଟି ପହଣ୍ଡି ହୋଇ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ଫେରିଥାନ୍ତି। ନୀଳାଦ୍ରିବିଜେ ଅବସରରେ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥାଏ ମହାପ୍ରଭୁଙ୍କ ମାନବୀୟ ଲୀଳା ଖେଳାର ଏକ ଅନନ୍ୟ ନିଦର୍ଶନ। ପତ୍ନୀଙ୍କୁ ସାଥିରେ ନ ନେଇ ରଥଯାତ୍ରାରେ ଯାଇଥିବାରୁ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି ମହାଲକ୍ଷ୍ମୀ। ତେଣୁ କାଳିଆ ସାଆନ୍ତ ବଡ଼ ଦେଉଳ ଭିତରକୁ ପ୍ରବେଶ କଲାବେଳେ ମହାଲକ୍ଷ୍ମୀ ବାଧା ଦେଇଥାନ୍ତି। ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ରାଗରେ ମାତା ଲକ୍ଷ୍ମୀ ଦ୍ୱାର ବନ୍ଦ କରିଦିଅନ୍ତି। ରାଗରେ ଜର୍ଜରିତ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ଲାଗି ମହାପ୍ରଭୁ ସାଙ୍ଗରେ ରସଗୋଲା ଆଣିଥାନ୍ତି। ଏହି ରସଗୋଲା ଭୋଗ ହେବା ପରେ ମହାପ୍ରଭୁଙ୍କ ରତ୍ନ ସିଂହାସନ ବିଜେ ପାଇଁ ସିଂହଦ୍ୱାର ଖୋଲିଥାଆନ୍ତି ମହାଲକ୍ଷ୍ମୀ। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ମଧୁର ନୈବେଦ୍ୟ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ପରିଚୟ। ଜନ୍ମବେଦୀରୁ ରତ୍ନବେଦୀ ଯାତ୍ରା ପର୍ଯ୍ୟନ୍ତ ବଡଦାଣ୍ଡରେ ଲାଗେ ଗହଳ ଚହଳ। ମର୍ତ୍ତ୍ୟ ବୈକୁଣ୍ଠର ମହାଧୀଶ ମହାପ୍ରଭୁଙ୍କ ମାନବ ଲୀଳାର ଅନନ୍ୟ ମହାପର୍ବ ଘୋଷଯାତ୍ରାକୁ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କର ହୁଏ ସମାଗମ। ଭକ୍ତ ଭଗବାନ ମିଳନରେ ନାଚି ଉଠେ ଶ୍ରୀକ୍ଷେତ୍ର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

କବିତାୟନ
32 YEARS
ସମ୍ବାଦ କଳିକା
ପୃଷ୍ଠା-୪
ଭୁବନେଶ୍ୱର, ୨୪ ଜୁଲାଇ ୨୦୨୬ ଶୁକ୍ରବାର

# ମୌସୁମୀ

ରତ୍ନକାନ୍ତି ମିଶ୍ର

ରୌଦ୍ର ପଶ୍ଚାତେ ମୌସୁମୀ ଆସିଛି
ମେଘ ସବାରୀରେ ବସି
ଫୁଟାଇବ ହସ ପର୍ବତ କାନନେ
ଫେରିବ ଏ ଭବେ ଖୁସି,
ମନ ମୌସୁମୀର ପୁଲକିତ ଧାରା
ପ୍ରୀତିସ୍ପଦ ଚିରକାଳ
ତା ପାଇଁକି ସିନା ବର୍ଷା ଆଗମନ,
ଉର୍ବୀ ବକ୍ଷ ସୁଶୀତଳ ।।

ତୃଷିତ ପ୍ରାଣକୁ ଛୁଅଁଇ ମୌସୁମୀ ଚାତକ
ପ୍ରତୀକ୍ଷା ଅନ୍ତ
ତା ପରଶ ପାଇ ଉର୍ବୀ ବକ୍ଷେ ଶାନ୍ତି
ହୁଏ ସିନା ବିରାଜିତ,
ପୃଥିବୀ ଆକାଶ ମିଳନ ଦୂତିକା ହୋଇ
ଆସଇ ମୌସୁମୀ
ପହିଲି ବର୍ଷାରେ ମତୁଆଲା କରେ
ସୁଗନ୍ଧିତ ଭିଜା ଭୂମି ।।



ନିବିଡ଼ ସମ୍ପର୍କେ ନବବଧୂ ଓଠୁ ଝରଇ ଲାଜୁଆ ହସ
ମନ ଗହନରେ ସତେ ମହକଇ କିଆ କେତକୀର ବାସ,
ବର୍ଷଣ ମୁଖର ଶର୍ବରୀରେ ସିନା ବିରହୀ ପାଅଇ ସଜା
ବନ୍ଦ କୋଠରୀରେ ସ୍ମୃତି ସାନିଧେ ତନୁମନ ଭିଜାଭିଜା ।।

ମୌସୁମୀ ଆଗତେ କ୍ଷେତୁଆ ଆଖିରେ ଅସରନ୍ତି ସ୍ୱପ୍ନ ସାଜ
ଜୀବନ ନଈରେ ଆସେ ଖୁସି ପୁଣି କେବେ ଭରେ ଦହଗଞ୍ଜ ।।



ଆଳି,
କେନ୍ଦ୍ରାପଡ଼ା

# ଭକତି ଡୋରୀ

ଡ.ଚନ୍ଦ୍ରକଳା ନାୟକ

ଗ୍ରୀଷ୍ମତାପ ସହି ନପାରି ଖେଳିଲ ଚନ୍ଦନେ ଚାପ
ସେବକ ବାହନ୍ତି ଚାଲେ ତୁମ ତରୀ
ଲକ୍ଷ ଲକ୍ଷ ଭକ୍ତ କରନ୍ତି ତୁମ ନାମ ଜପ।

ରାଧାର ପ୍ରେମରେ ବାଉଳି ହୋଇଣ
କର କେତେ କେତେ କେଳି
ସାଜି ତୁମେ ମଧୁସୁଦନ ଗୋ ପ୍ରଭୁ
ନୃତ୍ୟ କରି ଗୋପୀ ବିଭୋର ହୁଅନ୍ତି ଚନ୍ଦନ ବୋଳି।

ତୁମରି ଗୀତକୁ ବୋଲଇ ନାରଦ
ବୀଣାକୁ ହାତେ ବଜାଇ
ସଭିଙ୍କର ହୃଦ ଭରିଦିଅ ତୁମେ
ତୁମରି ପ୍ରେମେ ଭିଜାଇ।

ତୁମରି ଚନ୍ଦନ ସୁବାସେ ମହକଇ
ଶ୍ରକ୍ଷେତ୍ର ଆଉ ଶ୍ରୀମନ୍ଦିର
ସେ ବାସ ଆଘ୍ରାଣେ ସର୍ବ ନରନାରୀ
ହୁଅନ୍ତି ଭାବେ ଅଧୀର।

ସ୍ନାନବେଦୀଟାରେ ଶହେ ଆଠ ଜଳେ
ସ୍ନାନ ସାରି ପ୍ରଭୁ ହୁଅ ବେଶ ଗଜାନନ
ସବୁ ଲୋକଙ୍କ ପ୍ରାଣ ହରିନିଅ
ଦେଇ ସେଇ ଦରଶନ।

ଚତୁର୍ଦ୍ଦଶ ଦିନ ପୀଡା ପାଇ ତୁମେ
କମ୍ପୁଥାଅ ଜ୍ୱରରେ
ପଥି ଫୁଲରି ତେଲ ପଣା ପାନ କରି
ମାନବୀୟ ଲୀଳା ରଚ ଏ ଭୁବନେ।

ତୁମରି ଚତୁର୍ଦ୍ଧା ମୂର୍ତ୍ତି ଦରଶନେ
ସର୍ବ ଭକତ ତୁମରି
ନବଯୌବନରେ ହରି ନିଅ ମନ
ଭକ୍ତର ଆକୂଳ ପ୍ରାର୍ଥନା ଶୁଣି।

ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ
ବିଜେ କର ପ୍ରଭୁ ରଥ ଉପରେ
ଧର୍ମଭେଦ ତ୍ୟାଗି ଦିଅତ ଦର୍ଶନ
ଭାଇ ଭଉଣୀ ସଙ୍ଗରେ।



ଭକ୍ତ ସାଲବେଗ ଧନ୍ୟ ବଳରାମ ଆଉ ଦାସିଆ
ବାଉରୀ
ଭକ୍ତର ଭାବକୁ ସମ୍ମାନ ଯେ ଦେଇ
ଦଣ୍ଡେ ରହିଯାଅ ତାଙ୍କରି ପଥରେ
ଭକତ ଠାକୁର ହୋଇ।



ସମ୍ପର୍କର ମୂଲ୍ୟ ରଖିଅଛ ତୁମେ
ନିଜେ ସବୁ ଶିକ୍ଷା ଦେଇ
ତୁମ ପରି ପ୍ରଭୁ ନାହାନ୍ତି ଜଗତେ
ଥାଅ ତୁମେ ପ୍ରଭୁ ସର୍ବପ୍ରାଣେ ରହି।

ଏତିକି ବସି ମୁଁ ଭାବୁଥିଲି ପାଖକୁ କି ଡାକୁନାହଁ
ଶୁଭିଗଲା ପ୍ରଭୁ ଭିଡିନେଲ ମୋତେ
ଭକତି ଡୋରୀ ଲଗାଇ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

# ରଥ ସୁନାବେଶ...

ରାମଚନ୍ଦ୍ର ବେହେରା

ଶ୍ରୀଗୁଣ୍ଡିଚା ଦିନ ଜନମ ବେଦୀକୁ
ଯାଇଥିଲେ କଳାଧନ
ମାଉସୀଂକ ହାତ ପୋଡପିଠା ଖାଇ
ଫେରିଲେ ଦଶମୀ ଦିନ।
ଆଡମ୍ବର ସହ ପ୍ରଭୁ ଦାରୁବ୍ରହ୍ମ
ଚଢି ନନ୍ଦିଘୋଷ ରଥ
ଭକ୍ତଂକ ଗହଣେ ପୂଣ୍ୟ ବଡଦାଣ୍ଡେ
କରିଲେ ବାହୁଡା ଯାତ।
ଆଜି ଏକାଦଶୀ ରଥପରେ ହେବ
ଶ୍ରୀମୁଖଙ୍କ ସୁନାବେଶ
ସୁନା ଗହଣାରେ ଚମକିବେ ପ୍ରଭୁ
ଦେଖି ମନ ହେବ ତୋଷ।
ଅତୀବ ସୁନ୍ଦର ତା'ବାହୁଡା ଯାତ
ସୁନ୍ଦର ତା'ନନ୍ଦିଘୋଷ
ସବୁଠୁଁ ସୁନ୍ଦର ବଡଦାଣ୍ଡେ ତା'ର
ଏକାଦଶୀ ସୁନାବେଶ।
ସୁନାବେଶ ଦେଖି ହସିବ ବ୍ରହ୍ମାଣ୍ଡ
ନାଚିବ ଭକତ ମନ

ରଥାରୂଢ ସେହି ଅପୂର୍ବ ଦର୍ଶନ
ଭରି ଦେବ କୋଟି ପୂଣ୍ୟ।
ବରଷକେ ହୁଏ ପାଞ୍ଚ ସୁନାବେଶ
ରଥ ସୁନାବେଶ ଭିନ୍ନ
ରଥାରୂଢ ହରି ଶୁଣନ୍ତି ଗୁହାରି
ଲୁଟନ୍ତି ଭକତ ମନ।
ଆସ ସୁଧିଜନେ ପୂଣ୍ୟ ବଡଦାଣ୍ଡେ
ଦେଖିଯିବା ସୁନାବେଶ
ଖୁସିହୋଇ କାହ୍ନୁ ଆଶିଷ ଢାଳିବେ
ଦୁଃଖ ହୋଇଯିବ ଶେଷ।



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୨୪୬

# ବାଘର ଆତ୍ମହତ୍ୟା

ତାକୁ ଆଉ ଡରୁ ନଥିଲେ ମୃଗମାନେ
ମୁମୂର୍ଷୁ ଅସ୍ତିତ୍ୱର ଲଢ଼େଇରେ ସେ ସନ୍ଧି କରିସାରିଥିଲା
ସମଗ୍ର ପ୍ରଜାଗଣ ସହ ।
ଅବିକା ସେ ବଞ୍ଚୁଥିଲା କେବଳ ଏକ ଛଦ୍ମ ପରିଚୟରେ
କାରଣରେ ଜଣାଥିଲା ଯେ
ଫାଗର ଫାଶ ଆଗରେ
ଉଭୟେ ବାଘ ଓ ବାରହାଙ୍କର ଔକାତ୍ ସମାନ ।

ଯଦିଓ ସେ ଲୁଚେଇ ପାରୁନଥିଲା ନିଜର ଚାଲି, ଛାଇ, ଛାଲ
ଛେଳିପଲଙ୍କ ମେଳରେ ରହି
ବନିସାରିଥିଲା ପ୍ରାୟତଃ ତତ୍ ସଦୃଶ ପ୍ରଜାତିର
ନିରାମିଷାଶୀ ପ୍ରାଣୀଟିଏ ।

ସେ ଭୁଲୁଥିଲା ହେଣ୍ଟାଳର ଶ୍ଳୋକ, ପଞ୍ଝାର ଉଡ଼ାଣ,
ଶିକାରକୁ ଶହେ ମାଇଲ ଖେଦି
ଅକ୍ତିଆର କରିବାର ଅଭୁତ କୌଶଳ
ଅଳ୍ପ ଅଳ୍ପ ଏବେ ଭୁକିବା ଶିଖୁଥିଲା ବଣକୁକୁର ଠାରୁ
ଔଦ୍ଧତ୍ୟର ପାଦରେ ଘୁଙ୍ଗୁରୁ ପିନ୍ଧି
ଅତିକଷ୍ଟରେ ଘୋଷୁଥିଲା ଭାଲୁ ଠାରୁ ନାଚ ।

ସେ ନିଜର ସବୁ ପାଦଚିହ୍ନକୁ ଲୁଚେଇ ଚାଲିଥିଲା ଜନମାନସରୁ
ଭୟ କରୁଥିଲା ମୋଖିକ ବାଘଗଣନାର
ବିଭ୍ରାନ୍ତିକର ବର୍ଦ୍ଧିତ ମିଛ ସଂଖ୍ୟାହାରକୁ
ଖୁଆଡ଼ର ଖିଆଲରେ ଆଉ ଖୋଜୁ ନଥିଲା ଖାଦ୍ୟ
ବିଚିତ୍ର ବିବର୍ତ୍ତନବାଦର ନୂତନ ତତ୍ତ୍ୱରେ
କାଳାତିପାତ କରୁଥିଲା
ଅନାମଧେୟ ନାମମାତ୍ର ଜନ୍ତୁଟିଏ ପରି ।

ଡ. ଦୀପକ କୁମାର ମିଶ୍ର

ଶେଷରେ ଦିନ ଆସିଲା, ମାଗିଲା ଇଚ୍ଛାମୃତ୍ୟୁଟିଏ,
ଡେଇଁପଡିଲା ଶୂନ୍ୟରୁ ଶୂନ୍ୟକୁ
ତା ପରଦିନ ହୁରିପଡ଼ିଲା ଜଙ୍ଗଲ ସାରା
' ବାଘମାମୁଁ ଆତ୍ମହତ୍ୟା କଲା' ।



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ଇଚ୍ଛା ପରା ତୋର

ସ୍ନିଗ୍ଧା ପଣ୍ଡା

ମୋର ଭୋକ ଓ ଭାଗ୍ୟ
ଦୁଇଟା ଯାକ ଯଦି ତୋର ନିୟନ୍ତ୍ରଣରେ
ତେବେ କଣ ମାନେ ଅଛି
ମୋର ମାଗିବା ଓ ନ ମାଗିବାରେ ?

ତୁ ଲେଖୁ, ହିସାବ କରୁ
ମୋର ଦୁଃଖ, ସୁଖମାନଙ୍କର ଆୟୁଷ
କେବେ ଆରମ୍ଭ କେବେ ଶେଷ
ତୋର ଇଚ୍ଛାର ଚକ୍ରବ୍ୟୁହରେ
ଫେରି ହେଉ ନଥିବା ଦ୍ୱାର ଡେ଼ଇଁ ଆସିଲାପରେ
ନିରୁପାୟ ଶବ୍ଦମାନଙ୍କର ଆଉ କଣ ବାକିରହେ
ଯାହାକୁ ମୁଁ ପ୍ରାର୍ଥନା ବୋଲି କହେ
ଏବଂ ଅଭ୍ୟାସ କରି ଗାଇ ଚାଲୁଥାଏ ?

ଖାଲି ଗୋଟେ ଗୋଟେ ଘଟଣା
ମୋର ଥିବା ନଥିବା
ମାନଚିତ୍ରରେ ମିଳୁ ନ ଥିବା ଠିକଣା ?

ମୋ ହାତରେ ଯେତେ ଗାର
ସେଠି କ'ଣ ଲେଖାଥିବ
ଦୁଇ ହାତ ଲୋଡ଼ା ଆଞ୍ଜୁଳି ମେଲିବା ପାଇଁ
ଦୁଇ ହାତ ଲୋଡ଼ା ଆଞ୍ଜୁଳି ଭରିବା ପାଇଁ
ତା' ପରେ ମୁଁ ଆଗକୁ ଯାଏ କି ନ ଯାଏ
ତୋ ଆଗରେ ଠିଆ ହୁଏ କି ନହୁଏ
ମୋ ପାଇଁ ଅଲଗା ଆଉ କ'ଣ
ଆଞ୍ଜୁଳି ଥିଲେ ଥାଉ ମୋର
ଇଚ୍ଛା ପରା ତୋର !



ନଇଁ ପଡ଼ିଲେ ତୁ କୋଉ ଆସୁ ଯେ
ମୋର ହାତ ଧରି ଉଠେଇବାକୁ
ନା ଉଠ୍ ବୋଲି କହିବାକୁ
ତଥାପି ପଡ଼ିବା ବେଳକୁ
ମୁଁ ତୋ ଆଡ଼କୁ ଚାହିଁ ରହେ
ସତେ କ'ଣ ତତେ ଜଣେଇବାକୁ ଚାହୁଁଥାଏ
ମାନି ନେଇଛି
ପାଇବା ନ ପାଇବା

ମୋ- ୯୮୬୧୩୨୩୬୫୦

# ବାହୁଡ଼ିବେ ନୀଳକନ୍ଦର...

ନଗେନ୍ଦ୍ରନାଥ ପଟ୍ଟନାୟକ

ଜନମବେଦୀରୁ ଚତୁର୍ଦ୍ଧା ମୂରତି
ବାହୁଡିବେ ନୀଳକନ୍ଦର
ଭାବଡୋରି ଧରି ବିଜେହେବେ ରଥେ
ବିଶ୍ୱପତି କଳା ଠାକୁର ।।

ଗୁଣ୍ଡିଚା ମନ୍ଦିରେ ସାତଦିନ ପ୍ରଭୁ
ଭକତଙ୍କୁ ଦେଲେ ଦର୍ଶନ
ଆଡ଼ପ ଦର୍ଶନ ଆଡ଼ପ ଅଭଡ଼ା
ସବୁ ତାଙ୍କ ବିଧି ଭିଆଣ।।

ଶିରୀମନ୍ଦିର ତ ଅନେଇ ବସିଛି
ଜଗାର ଫେରିବା ବାଟକୁ
ଅଥୟ ଆତୁର ହୋଇଲାଣି ପରା
ପାଛୋଟି ନେବ ତା' କୋଳକୁ।।

ଶରଧା ବାଲିରେ ତିନିରଥ ଗଡେ
ଘିଡି ଘିଡି ଘିଡି ନିର୍ଘୋଷ
ମାଉସୀ ମା' ହାତୁ ପୋଡପିଠା ଖାଇ
ଜଗା ମନେ ଜାଗେ ସନ୍ତୋଷ।।

ଜଗା ଫେରୁଥବ ବଡଦାଣ୍ଡେ ପରା
ଘଂଟା ଘଂଟି ବାଜା ନାଦରେ
ଜଗା ଭାବ-ଡୋରେ ତିନି ରଥଯାକ
ଲାଗିଯିବେ ସିଂହ ଦୁଆରେ ।।
ହେ ପ୍ରଭୁ ତୁମ ବାହୁଡ଼ା ଯାତରେ
ହରିନିଅ ଆମ ଦୁରିତ
ତୁମ୍ଭ ଦରଶନେ ଆମ ବେନିନେତ୍ର
ହୋଇଯାଉ ପୁତ ପବିତ୍ର।।



ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର,
ମୋ - ୯୪୩୮୩୩୨୧୩୮

# ଆଞ୍ଜୁଳେ ଆଳତୀ

ମିଳନ କୁମାର ମିଶ୍ର
(ଭରଦ୍ୱାଜ)

ଶ୍ରୀକ୍ଷେତ୍ର
ଶିରୀକ୍ଷେତ୍ର ଶିରୀ ବଢ଼ିଯାଏ ସିନା
ପଡ଼ିଲେ ଭକତ ପାଦ ।
ଶିରୀହୀନ ହୁଏ କୁଆଁରୀ ଜୀବନ
ଘେରିଗଲେ ଅପବାଦ ।

ବଡଦାଣ୍ଡ
ଜଗା ଯାଏ ସିନା ଜନମବେଦୀକୁ,
ବଡଦାଣ୍ଡ ଦୁଲୁକେଇ,
ମନ ବଡଦାଣ୍ଡ ଶୂନ୍ୟ ଦିଶଇ
ନଥିଲେ ନିଜର କେହି ।

ଚକାଆଖି
ଭକତ ଜୀବନ ଭକ୍ତ ପ୍ରାଣଧନ
ସବୁ ସେଇ ଚକାଆଖି ।
କାହାଣୀ ତାହାର ଯେତେ କହିଲେ ବି
ସବୁବେଳେ ରହେ ବାକି ।



ସେନାପଟା
ସେନାପଟା ଲାଗି ହୁଅନ୍ତି ସାଆନ୍ତେ
ଆସିଲେ ପହଣ୍ଡି ବେଳ ।
ବେଳ ବିତେ ତାର ଲୁହରେ କୋହରେ
ନାହିଁ ଯା'ର ସମ୍ବଳ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

# ବେଳ ହୁଁ ସାବଧାନ

ନାରାୟଣ ପ୍ରସାଦ ରାଉଳ

ପୁଅ ଝିଅ ପରି ଜନମ ଦିଅନ୍ତୁ
ଗଛ ପାଇଁ ନିବେଦନ,
ଯତ୍ନ ନେଇ ତାଙ୍କୁ ବଡ କରୁଥାନ୍ତୁ
ଯୁଗ ଯୁଗର ଆହ୍ୱାନ ।
ଜଳ ପରି ଅମ୍ଳଜାନ ଦେଉଥିବ
ପିଢି ପରେ ପିଢି ଆମ,
ଜୀବନ ରକ୍ଷକ କବଚ ପରିକା
ଆମ ପାଇଁ ଯେ ମହାନ ।
ଜଳଦ ସୃଷ୍ଟିର ଉତ୍ସ ପୁଣି ଏହା
ବିପର୍ଯ୍ୟୟର କବାଟ,
ବନ୍ୟାବାତ୍ୟା ପୁଣି ମରୁଡ଼ି ଆକଟ
ଶୀତ ତାପ ନିୟନ୍ତ୍ରକ।
ମୃତ୍ତିକା କ୍ଷୟକୁ ବାନ୍ଧି ରଖିଥାଏ
ସମୁଦ୍ର ଜୁଆର ଧରି,
ବିନା ଜଙ୍ଗଲରେ ଉପକୂଳ ରୂପ
ଉଗ୍ର ହେଇଥାଏ ଭାରି ।
ଜଳବାୟୁ ପାଗ ଭାରସାମ୍ୟ ହାରେ
ପ୍ରଜାକୁଳ ହନ୍ତସନ୍ତ,
ଓଜନ ସ୍ତରରେ ଫାଟ ସୃଷ୍ଟି ହୁଏ
ଜନ ଜୀବନ ଆତଙ୍କ।
ଅତି ବାଇଗଣି ରଶ୍ମିର ପ୍ରଭାବ
ଚର୍ମ ରୋଗ କିଣି ଆଣେ,
ଆଖି ସିନା ଆମ ଅମୂଲ୍ୟ ସମ୍ପଦ
ଦେଖିବା ଶକ୍ତି ନ ଜାଣେ ।
ଅସ୍ୱାଭାବିକ ଯେ ଅମ୍ଳ ବୃଷ୍ଟିହୁଏ
ଜଳ ଚର ଜୀବ ହାନି,
ପାରଦସ୍ତରକୁ ମାପିବାକୁ କିଏ
ବଞ୍ଚିଥାଏ ଗୁଣି ଜ୍ଞାନୀ ! ।
ଘରଦ୍ୱାର ରଙ୍ଗ କାନ୍ଥ ଯେ ପମ୍ପରା
ଧନ ଅର୍ଥ ଶ୍ରମ ନଷ୍ଟ,
ପଚାଶ ଡ଼ିଗ୍ରୀର ଉତ୍ତାପ ସହିବା
ଅସମ୍ଭବ ଆମ କଷ୍ଟ।
ପ୍ରାକୃତିକ ଅବା କୃତ୍ରିମ ଭାବରେ
ଜନ୍ମ ହୁଏ ଯେଉଁ ଚାରା,
ବୃକ୍ଷଟିଏ ପୋତି ମିଶାଇ ସେଥିରେ
ବତାନ୍ତୁ ବିକାଶ ଧାରା ।
ଚାରିଭାଗ ମଧ୍ୟୁ ଏକ ଭାଗ ଜମି
ଜଙ୍ଗଲ ସମ୍ପଦ ଥାଉ,
ହାତ ଗୋଡ଼ ଆମ ଏ ଲକ୍ଷ୍ୟ ପୁରଣେ
ଚଳ ଚଞ୍ଚଳ ଯେ ରହୁ ।
ପରିବେଶ ରକ୍ଷା ଜୀବନ ସୁରକ୍ଷା
ପଞ୍ଚ ଭୂତ ଯେ ବିଭବ,
ଯୁଦ୍ଧ ଐରୀ ଭାବ ବର୍ଜନ କରିଲେ
ଶାନ୍ତି ଫେରିବା ସମ୍ଭବ ।
ବିକାଶ ଧାରା ଯେ ଧାରଣୀୟ ହଉ
ଆପତ୍ତି ନାହିଁ କାହାର ,
ସବୁଜ ସୁନ୍ଦର ପୃଥିବୀ ବକ୍ଷକୁ
କରିବା କାମ ଆମର।
ରାସ୍ତାଘାଟ ଆଉ କଳ କାରଖାନା
ଅଟ୍ଟାଳିକା ଠିଆ ଚାଲୁ,
ସୁଜଳା ସୁଫଳା ଏ ଧରଣୀ କୋଳ
କେବେ ହେଲେ ନ ଚହଲୁ ।
ଆପଣା ହସ୍ତରେ ଜିହ୍ୱା ଛେଦି ଆଉ
କାହାକୁ ଦୋଷୀ କରିବା,
ଆଗାମୀ ପୀଢିକୁ ସର୍ବସ୍ୱାନ୍ତ କରି
ନିଜେ ଛଟପଟ ହବା।
ଅଭିଜ୍ଞତା ଆମ ପ୍ରତ୍ୟକ୍ଷ ରହିଛି
ତତ୍ପରତା ଅନିବାର୍ଯ୍ୟ
ସଂଜମତା ଆଚରଣ ଉଚ୍ଚାରଣ
ସାଥି ରହୁ ଆମ ଧର୍ଯ୍ୟ ।

କଷଣଅଣ୍ଡା
ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା

## ଆଇସିସି ଓଡିଆଇ ର୍ୟାଙ୍କିଂ

# ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ଦବ୍‌ଦବା
# ଟପ୍-୪ରେ ୩ ଭାରତୀୟ



**ନୂଆଦିଲ୍ଲୀ**

ଆଇସିସି ଦ୍ୱାରା ବୁଧବାର ନୂତନ ରାଙ୍କିଂ ଜାରି କରାଯାଇଛି । ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କ ଦବଦବା ଜାରି ରହିଥିବାବେଳେ କ୍ୟାପଟେନ ଶୁବମନ ଗିଲ୍ ନମ୍ବର-୧ ହେବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଟପ-୪ ଜଣଙ୍କ ମଧ୍ୟରେ ୩ ଜଣ ଭାରତୀୟ ଖେଳାଳି ସାମିଲ ଅଛନ୍ତି, ଯେଉଁଥିରେ କ୍ୟାପଟେନ ଗିଲ୍‌ଙ୍କ ସହିତ ରୋହିତ ଶର୍ମା ଏବଂ ବିରାଟ କୋହଲି ଅଛନ୍ତି । ଟପ୍-୧୦ କଥା କହିବାକୁ ଗଲେ ୩ଟି ପରିବର୍ତ୍ତନ ଘଟିଛି । ଟିମ୍ ଇଣ୍ଡିଆ ବିରୁଦ୍ଧରେ ନିକଟରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଜୋ ରୁଟ୍ ୪ଟି ସ୍ଥାନ ଉପରକୁ ଉଠିଛନ୍ତି ।

ନ୍ୟୁଜିଲାଣ୍ଡର ଡେରିଲ ମିଚେଲ ଆଇସିସି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ର ପ୍ରଥମ ସ୍ଥାନରେ ଅଛନ୍ତି । ତାଙ୍କର ୮୦୨ ରେଟିଂ ରହିଥିବାବେଳେ ୮୦୧ ରେଟିଂ ସହିତ ଭାରତୀୟ କ୍ୟାପ୍‌ଟେନ ଶୁବମନ ଗିଲ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ବିରାଟ କୋହଲି ଏହି ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ଦ୍ୱିତୀୟ ଦିନିକିଆରେ ୬୫ ଏବଂ ତୃତୀୟ ଦିନିକିଆରେ ୭୪ ରନର ଚମତ୍କାର ଇନିଂସ ଖେଳିଥିଲେ । ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ତୃତୀୟ ଦିନିକିଆରେ ୧୩୮ ରନର ଏକ ଐତିହାସିକ ଇନିଂସ ଖେଳିଥିଲେ । ସେ ହେଉଛନ୍ତି ଲର୍ଡସରେ ଦିନିକିଆ ଶତକ ହାସଲ କରିଥିବା ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ । ରୋହିତଙ୍କର ୭୫୮ ରେଟିଂ ପଏଣ୍ଟ ରହିଛି ।

ଓଡିଆଇ ପାଇଁ ଆଇସିସି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ୧୦ ଜଣ ଖେଳାଳିଙ୍କ ତାଲିକା : ୧. ଡେରିଲ ମିଚେଲ (ନ୍ୟୁଜିଲାଣ୍ଡ), ୨. ଶୁବମନ ଗିଲ (ଭାରତ), ୩. ବିରାଟ କୋହଲି (ଭାରତ), ୪. ରୋହିତ ଶର୍ମା (ଭାରତ), ୫. ଇବ୍ରାହିମ ଜାଦ୍ରାନ (ଆଫଗାନିସ୍ତାନ), ୬. ବାବର ଆଜମ (ପାକିସ୍ତାନ), ୭. ହ୍ୟାରି ଟ୍ରେକ୍ଟର (ଆୟର୍ଲ୍ୟାଣ୍ଡ), ୮. ଜୋ ରୁଟ୍ (ଇଂଲଣ୍ଡ), ୯. ଶାଇ ହୋପ (ୱେଷ୍ଟଇଣ୍ଡିଜ), ୧୦. ଚରିଥ ଅସଲଙ୍କା (ଶ୍ରୀଲଙ୍କା) ।

# ଜିମ୍ବାୱେକୁ ୭ ୱିକେଟ୍‌ରେ ହରାଇଲା ଭାରତ

**ହରାରେ**

ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଟି୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ହରାରେ ସ୍ପୋର୍ଟସ କ୍ଲବ୍‌ରେ ଖେଳାଯାଇଛି । ଏହି ମ୍ୟାଚ୍‌ରେ ଆୟୋଜକ ଦଳକୁ ଭାରତ ୭ ୱିକେଟ୍‌ରେ ପରାସ୍ତ କରିଛି । ୧୨୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଭାରତ ବ୍ୟାଟିଂ କରିଥିଲା । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ୧୩.୨ ଓଭରରେ ୩ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା । ଏହି ମ୍ୟାଚ୍‌ରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୧୯ଟି ବଲ୍ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ । ଏଥିରେ ସେ ୪ଟି ଚୌକା ଏବଂ ୪ଟି ଛକା ମାରିଛନ୍ତି ।

ଭାରତର ଇନିଂସ ଆରମ୍ଭ କରିଥିଲେ ଅଭିଷେକ ଶର୍ମା (୧ରନ୍)



ଏବଂ ବୈଭବ ସୂର୍ଯ୍ୟବଂଶୀ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୨୩ ରନ୍ ସଂଗ୍ରହ କରିଥିଲେ । ଭାରତ ନିଜର ସ୍କୋର ୬୮ ରନ୍‌ରେ ଦ୍ୱିତୀୟ ୱିକେଟ୍ ଭାବେ ବୈଭବଙ୍କୁ ହରାଇଥିଲା ।

ଈଶାନ କିଶନ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ । ସେ ୨୪ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ ଆୟର ଅପରାଜିତ ୨୮ ରନ୍ ସଂଗ୍ରହ କରିଥିଲେ । ସେ ୨୪ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ । ସେହିପରି ଯୁବ ବ୍ୟାଟର ତିଳକ ବର୍ମା ଅପରାଜିତ ୬ ରନ୍ ସଂଗ୍ରହ କରିଥିଲେ । ସେ ୫ଟି ବଲ୍ ଖେଳି ଗୋଟିଏ ଚୌକା ମାରିଥିଲେ ।

ଶ୍ରେୟସ ଆୟର ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା । ଦଳ ପାଇଁ ୱେସ୍ଲେ ମଧେୱେରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୩୪ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ସେହିପରି ୨୦ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୭ ରନ୍ ଯୋଗଦାନ ଦେଇଥିଲେ ତାଦିନଓ୍ୱାନସ୍ଲେ ମରୁମାନି । ରାୟନ ବୁଲ ୩୫ଟି ବଲ୍ ଖେଳି ୨୬ ରନ୍ କରିଥିଲେ । ଦଳର ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

# ୨ ବର୍ଷ ପରେ ଦଳକୁ ଫେରି ପ୍ରଥମ ବଲରେ ୱିକେଟ୍ ନେଇ ରେକର୍ଡ କଲେ ମୟଙ୍କ ଯାଦବ

**ନୂଆଦିଲ୍ଲୀ**

ଦୀର୍ଘ ୨ ବର୍ଷ ପରେ ଭାରତୀୟ ଟି-୨୦ ଦଳକୁ ଫେରିଛନ୍ତି ଦ୍ରୁତ ବୋଲର ମୟଙ୍କ ଯାଦବ । ନଜର ଗତି ପାଇଁ ବେଶ ଜଣାଶୁଣା ଏହି ଖେଳାଳି ଜିମ୍ବାୱେ ବିପକ୍ଷରେ କରିଛନ୍ତି କମାଲ । ହରାରେ ଖେଳାଯାଉଥିବା ପ୍ରଥମ ଟି-୨୦ରେ ପ୍ରଥମ ବଲରେ ହିଁ ୱିକେଟ ଅକ୍ତିଆର କରି ରେକର୍ଡ କରିଛନ୍ତି । ୧୪୯ ସ୍ପିଡ୍‌ରେ ବୋଲିଂ କରି ସେ ଏହି ସଫଳତା ହାସଲ କରିଛନ୍ତି । ଜିମ୍ବାୱେର ଓପନର ବ୍ୟାଟ୍ସମ୍ୟାନ ବ୍ରାଏନ୍ ବେନେଟ୍ ବଲ୍‌କୁ ବୁଝିବା ପୂର୍ବରୁ ଇଶାନ କିଷନଙ୍କ ହାତରେ ଧରାପଡ଼ିଥିଲେ । ତେବେ ଟି-୨୦ରେ ପ୍ରଥମ ବଲରେ ୱିକେଟ ଅକ୍ତିଆର କରିଥିବା ବୋଲରଙ୍କ ତାଲିକାରେ ଯୋଡ଼ି ହୋଇଛି ମୟଙ୍କ ଯାଦବଙ୍କ ନାମ ।

ତେବେ ଟି-୨୦ କ୍ରିକେଟରେ ପ୍ରଥମ ବଲରେ ୱିକେଟ ନେବାର ରେକର୍ଡ ସ୍ୱିଙ୍ଗ୍ କିଙ୍ଗ ଭାବେ ଜଣାଶୁଣା



ଭୁବନେଶ୍ୱର କୁମାରଙ୍କ ନାମରେ ରହିଛି । ୨୦୨୨ ମସିହାରେ ସେ ନିସଙ୍କଙ୍କୁ ଆଉଟ୍ କରିଥିଲେ । ଏହାସହ ସେ ଟି-୨୦ରେ ପ୍ରଥମ ବଲରେ ତିନିଥର ଆଉଟ୍ କରିଛନ୍ତି । ଭୁବିଙ୍କ ପଛକୁ ରହିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ । ଏମାନେ ଦୁଇଥର ଲେଖାଏଁ ପ୍ରଥମ ବଲରୁ ବ୍ୟାଟ୍ସମ୍ୟାନଙ୍କୁ ପାଭିଲିୟନ ପଠାଇଛନ୍ତି । ତେବେ ମୟଙ୍କ ଯାଦବ ମଧ୍ୟ ଦ୍ୱିତୀୟଥର ପାଇଁ ଏହି ସଫଳତା ହାସଲ କରିଛନ୍ତି । ସେ ପୂର୍ବରୁ ୨୦୨୪ ମସିହାରେ ବାଂଲାଦେଶ ବିପକ୍ଷରେ ପ୍ରଥମ ବଲରେ ୱିକେଟ ଅକ୍ତିଆର କରିଥିଲେ । ମାତ୍ର ନିୟମିତ ଦଳରେ ସ୍ଥାନ ପାଇନଥିଲେ ।

# ଚାଇନା ଓପନ୍ ରାଉଣ୍ଡ-୧୬ରେ ଅଟକିଲେ ସିନ୍ଧୁ

**ନୂଆଦିଲ୍ଲୀ**

ଚାଇନା ଓପନ୍ ବିଡବ୍ଲ୍ୟୁଏଫ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ରାଉଣ୍ଡ-୧୬ରୁ ବିଦାୟ ନେଇଛନ୍ତି ୨ ଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ । ଗତ ସପ୍ତାହରେ ଜାପାନ ଓପନ୍ ଜିତି ୨ ବର୍ଷର ଟ୍ରଫି ମରୁଡ଼ିର ଅନ୍ତ ଘଟାଇଥିବା ଭାରତୀୟ ତାରକା ସିନ୍ଧୁ ଗୁରୁବାର ମହିଳା ଏକକ ମୁକାବିଲାରେ କଡ଼ା ସଂଘର୍ଷ କରି ୨୦୨୦ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଚୀନ୍‌ର ଚେନ୍ ୟୁଫେଇଙ୍କଠୁ ୧୬-୨୧, ୨୨-୨୦, ୨୧-୧୮ରେ ହାରି ଯାଇଥିଲେ ।

ପ୍ରଥମ ଗେମ୍ ହାରିବା ପରେ ସିନ୍ଧୁ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍‌କୁ ଜିତି ନେଇଥିଲେ । ହେଲେ ତୃତୀୟ ସେଟ୍ ହାରି କ୍ୱାର୍ଟରଫାଇନାଲ୍ ପୂର୍ବରୁ ବିଦାୟ ନେଇଥିଲେ । ଅନ୍ୟପକ୍ଷରେ ଏହି ବିଜୟ ସହ ଚେନ୍ କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି ।



## କମନୱେଲ୍‌ଥ ଗେମ୍ସ ଆରମ୍ଭ ପୂର୍ବରୁ ଖୁସି ଖବର

# ଭାରତ ପାଇଁ ପ୍ରଥମ ପଦକ ସୁନିଶ୍ଚିତ କଲେ ଲଭଲିନା ବୋରଗୋହେନ୍

**ଓନ୍‌ଟାରିଓ (କାନାଡ଼ା)**

ଗ୍ଲାସଗୋ କମନୱେଲଥ ଗେମ୍ସ ୨୦୨୬ ଆରମ୍ଭ ହେବା ପୂର୍ବରୁ ହିଁ ଭାରତୀୟ ଦଳ ପାଇଁ ଏକ ବଡ଼ ଖୁସି ଖବର ଆସିଛି । ଷ୍ଟାର ବକ୍ସର ଲଭ୍‌ଲିନା ବୋରଗୋହେନ୍ ଦେଶ ପାଇଁ ପ୍ରଥମ ପଦକ ସୁନିଶ୍ଚିତ କରିଛନ୍ତି । ମହିଳା ବକ୍ସିଂର ୭୫ କିଲୋଗ୍ରାମ ବର୍ଗରେ ଲଭଲିନା ବୋରଗୋହେନଙ୍କ ପଦକ ଜିତିବା ନିଶ୍ଚିତ ହୋଇଯାଇଛି । ଯେଉଁଥିରେ ସେ ଅନ୍ତତଃ ପକ୍ଷେ ବ୍ରୋଞ୍ଜ ପଦକ ନିଜ ନାମରେ କରିବାରେ ସଫଳ ହେବେ ।

ପ୍ରକୃତରେ ମହିଳା ୭୫ କିଲୋଗ୍ରାମ ବର୍ଗରେ ମାତ୍ର ୫ ଜଣ ମହିଳା ବକ୍ସର ଥିଲେ । ଯେଉଁଥିରେ ଶୀର୍ଷ ୩ ଜଣଙ୍କୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ ମିଳିଛି ଏବଂ ଏଥିରେ ଲଭଲିନା ବୋରଗୋହେନଙ୍କ ନାମ ମଧ୍ୟ ସାମିଲ ରହିଛି । ଏହି କାରଣରୁ ତାଙ୍କର ଅନ୍ତତଃ ପକ୍ଷେ



ବ୍ରୋଞ୍ଜ ପଦକ ଜିତିବା ପକ୍କା ହୋଇଯାଇଛି ।

ଭାରତୀୟ ଷ୍ଟାର ମହିଳା ବକ୍ସିଂ ଖେଳାଳି ଲଭଲିନା ବୋରଗୋହେନ୍ କମନୱେଲଥ ଗେମ୍ସ ୨୦୨୬ ସେମିଫାଇନାଲରେ ବର୍ତ୍ତମାନ ତୁଭାଲୁର ଟାଫାକିଙ୍କ ସାମ୍ନା କରିବେ । ମହିଳା ୭୫ କିଲୋଗ୍ରାମ ବର୍ଗର ଏହି ସେମିଫାଇନାଲ ମ୍ୟାଚ୍ ଜୁଲାଇ ୩୧ରେ ଖେଳାଯିବ, ଯେଉଁଥିରେ ଲଭଲିନା ଜିତି ଫାଇନାଲରେ ପହଞ୍ଚିବେ ବୋଲି ସମସ୍ତେ ନିଶ୍ଚିତ ଆଶା ରଖିଛନ୍ତି । ଯଦି ଏଥିରେ ସେ ସଫଳ ହୁଅନ୍ତି, ତେବେ ଭାରତ ରୌପ୍ୟ ପଦକ ମଧ୍ୟ ଜିତିପାରିବ ।

ଚଳିତ ଥର କମନୱେଲଥ ଗେମ୍ସରେ ମାତ୍ର ୧୦ଟି ଖେଳର ପ୍ରତିଯୋଗିତା ଆୟୋଜନ କରାଯାଉଛି ଏବଂ ଏହି କାରଣରୁ ମେଡାଲ୍ ଇଭେଣ୍ଟ ମଧ୍ୟ ହ୍ରାସ ପାଇଛି । ଭାରତୀୟ ଦଳ ସମ୍ମୁଖରେ ପଦକ ସଂଖ୍ୟା ବୃଦ୍ଧି କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିବ । କମନୱେଲଥ ଗେମ୍ସ ୨୦୨୬ ପାଇଁ ଭାରତରୁ ୧୨୫ ଜଣ ଆଥଲେଟ୍‌ଙ୍କ ଏକ ଦଳ ଯାଇଛି, ଯେଉଁମାନେ ବିଭିନ୍ନ ଖେଳର ପ୍ରତିଯୋଗିତାରେ ଭାଗ ନେବେ ।

ଲଭଲିନା ବୋରଗୋହେନଙ୍କ ପଦକ ପକ୍କା ହେବା ସହିତ ବର୍ତ୍ତମାନ ସମସ୍ତଙ୍କ ନଜର ଷ୍ଟାର ଭାରତୀୟ ଜାଭେଲିନ୍ ଥ୍ରୋ ଆଥଲେଟ୍ ନୀରଜ ଚୋପ୍ରାଙ୍କ ବ୍ୟତୀତ ୱେଟଲିଫ୍ଟିଙ୍ଗରେ କମାଲ୍ ଦେଖାଉଥିବା ମୀରାବାଈ ଚାନୁଙ୍କ ଉପରେ ରହିବ । ଭାରତ ଯାହାଙ୍କଠାରୁ ଗୋଲ୍ଡ ମେଡାଲ୍ ଜିତିବାର ଆଶା ରଖିଛି । ଗତଥର ବର୍ମିଂହାମରେ ଆୟୋଜିତ ହୋଇଥିବା କମନୱେଲଥ ଗେମ୍ସରେ ଭାରତ ମୋଟ ୬୧ଟି ପଦକ ଜିତିଥିଲା । ଯେଉଁଥିରେ ୨୨ଟି ସ୍ୱର୍ଣ୍ଣ ପଦକ ସାମିଲ ଥିଲା ।

# ବିଶ୍ୱ କନିଷ୍ଠ ସ୍କ୍ୱାସ୍ କ୍ୱାର୍ଟରରେ ଆନାହତ



**ଓନ୍‌ଟାରିଓ (କାନାଡ଼ା)**

ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ସ୍କ୍ୱାସ୍ ଖେଳାଳି ଆନାହତ ସିଂହ ଏଠାରେ ଚାଲିଥିବା ବିଶ୍ୱ ସ୍କ୍ୱାସ୍ କନିଷ୍ଠ ପ୍ରତିଯୋଗିତାର ବ୍ୟକ୍ତିଗତ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗୁରୁବାର ପ୍ରିକ୍ୱାର୍ଟର ଫାଇନାଲ୍‌ରେ ବିଶ୍ୱର ୨୦ ନମ୍ବର ଆନାହତ ୧୧-୪, ୧୧-୮, ୧୧-୩ରେ ମାଲେସିଆର ଡୋୟସେ ୟେ ସାନ୍ ଲିଙ୍କୁ ପରାସ୍ତ କରିଥିଲେ । ଗତ ଥରର କାଂସ୍ୟ ବିଜୟିନୀ ଆନାହତ କ୍ୱାର୍ଟର ଫାଇନାଲ୍‌ରେ ଇଜିପ୍ଟର ହବିବା ରିଜ୍‌କଙ୍କୁ ଭେଟିବେ । ତେବେ ପୁରୁଷ ଏକକ ରାଉଣ୍ଡ ୧୬ରୁ ଏସୀୟ ୧୯ ବର୍ଷରୁ କମ୍ ବିଜେତା ଆର୍ଯ୍ୟବୀର ଦେୱାନ ୪-୧୧, ୧-୧୧, ୫-୧୧ରେ ଆମେରିକା ୟାସିନ ଶାଲାବେଙ୍କଠୁ ହାରି ଯାଇଥିଲେ ।

# ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍‌ରେ ଅର୍କଙ୍କୁ ମିଳିଲା ବ୍ରୋଞ୍ଜ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୬ତମ ଅଲ ଓଡ଼ିଶା ଜୁନିୟର ଓ ସବ୍ ଜୁନିୟର ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍‌ରେ ବାରିପଦାର ଅର୍କ ମୁଖାର୍ଜୀ ୧୬ ବର୍ଷରୁ କମ୍ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡର ବାସିନ୍ଦା କଲ୍ଲୋଳ ମୁଖାର୍ଜୀ ଓ ସୁଦୀପ୍ତା ଚକ୍ରବର୍ତ୍ତୀଙ୍କ ସୁପୁତ୍ର ଅର୍କ ୨୦୦ମି ବେକ ଷ୍ଟ୍ରୋକ୍‌ରେ ୩ୟ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ କୋଚ୍ ନେଲସନ ଲାକ୍ରା ଓ ଗୁଲାପି କାଲୋଙ୍କୁ ଶ୍ରେୟ ଦେଇଛନ୍ତି । ସେ ବର୍ତ୍ତମାନ ଟିକରପଡ଼ା ସ୍ଥିତ ସରକାରୀ ପଲିଟେକନିକ୍ କଲେଜରେ ପାଠ ପଢୁଛନ୍ତି । ତାଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ସୁଭାଶିଷ ନାୟକ ଅଭିନନ୍ଦନ ଜଣାଇଛନ୍ତି ।

# ଏଫଏମ ବିଶ୍ୱବିଦ୍ୟାଳୟର ସମୀକ୍ଷା ବୈଠକରେ ଯୋଗ ଦେଲେ ଉଚ୍ଚଶିକ୍ଷା ସଚିବ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ସଚିବ ଅରବିନ୍ଦ ଅଗ୍ରୱାଲ ବାଲେଶ୍ୱର ଗସ୍ତ କରି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଆନ୍ତଃକ୍ରିୟାତ୍ମକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ଗବେଷଣା ଓ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଏହି ବୈଠକରେ ଅଧ୍ୟକ୍ଷତାରେ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଳବ୍ୟ ଏବଂ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ହେମନ୍ତ କୁମାର ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି, ଗବେଷଣା କ୍ଷେତ୍ରରେ ସହଯୋଗ ବୃଦ୍ଧି, ନବସୃଜନ ଓ ଉଦ୍ୟୋଗିତାର ପ୍ରୋତ୍ସାହନ, ଛାତ୍ରଛାତ୍ରୀମାନଙ୍କ ପାଇଁ ସେବାର ଗୁଣାତ୍ମକ ବିକାଶ ଏବଂ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କମିଶନର-ତଥା-ସଚିବ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତାକୁ ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷା, ନବସୃଜନ ଓ ସୁଶାସନ ମାଧ୍ୟମରେ ଉଚ୍ଚଶିକ୍ଷାର ରୂପାନ୍ତର ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ସମସ୍ତ ବିଭାଗୀୟ ମୁଖ୍ୟ, ବିଭିନ୍ନ କେନ୍ଦ୍ର ଓ ପ୍ରକୋଷ୍ଠର ସଂଯୋଜକ ଏବଂ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତା, ଚାଲୁଥିବା ଶୈକ୍ଷିକ ଓ ଗବେଷଣା କାର୍ଯ୍ୟକ୍ରମ ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବାର ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଚ୍ଚମାନର ଶିକ୍ଷାର ପ୍ରସାର ଓ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂମିକାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ସହ ବୈଠକ ଶେଷ ହୋଇଥିଲା ।

# ଲାଠୋର ପୋଲିସକୁ ବଡ଼ ସଫଳତା : ବାପ ଓ ପୁଅ ଗିରଫ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅଞ୍ଚଳରେ ନିଶା କାରବାର ବିରୋଧରେ ଲାଠୋର ପୋଲିସ ପୁଣି ଥରେ ଏକ ସଫଳ ଅଭିଯାନ ଚଳାଇ ୧୨ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ତିନି ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ବୋଲି ଜଣାପଡ଼ିଛି । ପୋଲିସ ଏହି ମାମଲାରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବାଇକ୍‌ରେ ତିନିଜଣ ଯାତ୍ରୀ ଥିବାବେଳେ ଗାଡ଼ି ତଲାସି ସମୟରେ ସେମାନଙ୍କ ନିକଟରୁ ୧୨ କେଜି ଗଞ୍ଜେଇ ଜବତ ହୋଇଥିଲା । ଘଟଣା ସ୍ଥଳରେ ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଜବତ ପ୍ରକ୍ରିୟାର ତଦାରଖ କରିଥିଲେ । ଅଭିଯୁକ୍ତମାନେ ସିନ୍ଧେକେଲା ଥାନା ଅନ୍ତର୍ଗତ ଡେଡାଙ୍ଗ ଗ୍ରାମର କୃଷ୍ଣ ବାଗ, ମନିଷ ବାଗ ଓ ଜିତୁ ବାଗ (ଛଦ୍ମନାମ) ବୋଲି ଜଣାପଡ଼ିଛି । ଏନେଇ ଲାଠୋର ଥାନା କେସ ନଂ ୧୩୪/୨୦୨୬ ଅନୁଯାୟୀ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com

32001/592/2627

**'e'-Procurement Notice No. SE-AID-7/2026-27**

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 01 No. work |
| 2 | Cost of work put to tender | : | Approximately **Rs.16.05 Lakh** |
| 3 | Tender Paper Cost | : | **Rs.6,000/-** (Non Refundable) |
| 4 | Class of Contractor | : | **Electrical Contractor/ OEM or specialized agency or registered firm associate with Electrical contractor.** |
| 5 | Period of Completion | : | **60 Days** |
| 6 | Availability of Bid Documents and receipt of bid through online | : | From **11.00 A.M of 29.07.2026 to 5.00 P.M of 07.08.2026** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **10.08.2026** at **11.00 A.M** and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | **18.08.2026** at **12.30 P.M** in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- **eeangulirrigation@gmail.com** |

Further details can be seen from the e-procurement portal of Government of Odisha at www.tendersodisha.gov.in)

Sd/- Superintending Engineer
Angul Irrigation Division, Angul

OIPR-32001/32049/1/26-27/0007

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ୍ ତାରିଖ ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**

ଫାଇନାଲ୍ ଆସନ୍ତା ବର୍ଷ ଖେଳାଯିବ । ଏହାକୁ ନେଇ ବର୍ତ୍ତମାନଠାରୁ ହିଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଯଦିଓ ଟାଇଟଲ୍ ଲଢ଼େଇ ପାଇଁ ବର୍ତ୍ତମାନ ବି ସମୟ ଅଛି ଏବଂ କେଉଁ ଦୁଇଟି ଦଳ ମଧ୍ୟରେ ଫାଇନାଲ୍ ଖେଳାଯିବ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ପୂର୍ବରୁ ହିଁ ଡବ୍ଲ୍ୟୁଟିସି ଫାଇନାଲ୍‌ର ତାରିଖ ଏବଂ ସ୍ଥାନ ଘୋଷଣା କରିଦିଆଯାଇଛି । ଚଳିତ ଥର ମଧ୍ୟ ଫାଇନାଲ୍ ମ୍ୟାଚ୍ ଇଂଲଣ୍ଡରେ ଖେଳାଯିବ ବୋଲି ପକ୍କା ହୋଇଯାଇଛି ।

ବର୍ତ୍ତମାନ ସମୟରେ ଡବ୍ଲ୍ୟୁଟିସି ଅର୍ଥାତ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଚତୁର୍ଥ ସଂସ୍କରଣ ଚାଲିଛି । ଏହି ସମୟରେ ଆଇସିସି ଘୋଷଣା କରିଛି ଯେ ଆସନ୍ତା ବର୍ଷ ଏହାର ଫାଇନାଲ୍ ଅନୁଷ୍ଠିତ ହେବ । ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ଥିବା ଦୁଇଟି ଦଳ ମଧ୍ୟରେ ଏହି ଟାଇଟଲ୍ ମୁକାବିଲା ଖେଳାଯିବ । ଏହାର ଆରମ୍ଭ ଜୁନ୍




୯ ତାରିଖରେ ହେବ । ଫାଇନାଲ୍ ମ୍ୟାଚ୍ ଜୁନ୍ ୯ରୁ ୧୩ ପର୍ଯ୍ୟନ୍ତ 'ଦି ଓଭାଲ୍' ଗ୍ରାଉଣ୍ଡରେ ଖେଳାଯିବାକୁ ଅଛି । କହି ରଖୁଛୁ ଯେ ଏହା ପୂର୍ବରୁ ମଧ୍ୟ ସମସ୍ତ ଫାଇନାଲ୍ ମ୍ୟାଚ୍ ଇଂଲଣ୍ଡରେ ହିଁ ହୋଇଛି । ତେବେ 'ଦି ଓଭାଲ୍' ଗ୍ରାଉଣ୍ଡରେ ପ୍ରଥମ ଥର ପାଇଁ ଫାଇନାଲ୍ ମ୍ୟାଚ୍ ଆୟୋଜିତ ହେବାକୁ ଯାଉଛି ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ପଏଣ୍ଟ ଟେବୁଲ୍‌ରେ ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳ ପ୍ରଥମ ସ୍ଥାନରେ ରହିଛି । ଏହି ଦଳ ଏପର୍ଯ୍ୟନ୍ତ ଆଠଟି ମ୍ୟାଚ୍ ଖେଳି ସାତଟିରେ ବିଜୟ ହାସଲ କରିଥିବା ବେଳେ ଗୋଟିଏରେ ପରାଜୟର ସାମ୍ନା କରିଛି । ବର୍ତ୍ତମାନ ଅଷ୍ଟ୍ରେଲିଆର ପିସିଟି (ପଏଣ୍ଟର ପ୍ରତିଶତ) ୮୭.୫୦ ରହିଛି । ଦକ୍ଷିଣ ଆଫ୍ରିକା ଦଳ ଦ୍ୱିତୀୟ ସ୍ଥାନରେ ରହିଛି । ଦଳ ଚାରିଟି ମ୍ୟାଚ୍ ଖେଳି ତିନିଟି ଜିତିଛି ଏବଂ ଗୋଟିଏରେ ହାରିଛି । ଏହାର ପିସିଟି ବର୍ତ୍ତମାନ ୭୫.୦୦ ଚାଲିଛି । ନ୍ୟୁଜିଲାଣ୍ଡ ତୃତୀୟ ଏବଂ ବାଂଲାଦେଶ ଦଳ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ରହିଛି । ଟିମ୍ ଇଣ୍ଡିଆ ପଞ୍ଚମ ସ୍ଥାନରେ ଅଛି ।

ଭାରତୀୟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଚଳିତ ସଂସ୍କରଣରେ ୯ଟି ମ୍ୟାଚ୍ ଖେଳିସାରିଛି ଏବଂ ଏଥିମଧ୍ୟରୁ ମାତ୍ର ଚାରିଟିରେ ବିଜୟୀ ହୋଇଛି । ଏହା ସମେତ ଚାରିଟି ମ୍ୟାଚ୍‌ରେ ଦଳକୁ ପରାଜୟ ମିଳିଥିବା ବେଳେ ଗୋଟିଏ ମ୍ୟାଚ୍ ଡ୍ର' ରହିଛି । ଯାହାପାଇଁ ଦଳର ପିସିଟି ବର୍ତ୍ତମାନ ୪୮.୧୫ ଚାଲିଛି ।

ଭାରତୀୟ ଦଳ ଅଗଷ୍ଟ ମାସରେ ଶ୍ରୀଲଙ୍କା ଗସ୍ତରେ ଯିବ । ସେଠାରେ ଦୁଇ ମ୍ୟାଚ୍ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ, ଯାହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶ ଅଟେ । ଭାରତ ଏଠାରେ ସମସ୍ତ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲ୍‌ରେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବ । ଯଦିଓ ଏହି ସିରିଜ୍ ଆଦୌ ସହଜ ହେବନାହିଁ । ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଏହି ସିରିଜ୍ ପାଇଁ ସେଡ୍ୟୁଲ୍ ପୂର୍ବରୁ ହିଁ ଜାରି କରାଯାଇଛି ।

ଅନ୍ୟପଟେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ପଏଣ୍ଟ ଟେବୁଲ୍‌ରେ ବର୍ତ୍ତମାନ ଶ୍ରୀଲଙ୍କା ଷଷ୍ଠ, ଇଂଲଣ୍ଡ ସପ୍ତମ, ୱେଷ୍ଟଇଣ୍ଡିଜ୍ ଅଷ୍ଟମ ଓ ପାକିସ୍ତାନ ନବମ ସ୍ଥାନରେ ରହିଛନ୍ତି ।

# ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏକ ଦିନିକିଆ ଗସ୍ତରେ ଯାଜପୁର ଜିଲ୍ଲା ପରିଦର୍ଶନ କରି ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ । ପ୍ରଥମେ ସେ ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁରର ଦାମଦୋରପୁର ଠାରେ ପ୍ରସ୍ତାବିତ ହ୍ୟାଣ୍ଡଲୁମ୍ ପାର୍କ ପାଇଁ ଚିହ୍ନଟ ସ୍ଥାନ ପରିଦର୍ଶନ କରିଥିଲେ । ପରେ ମା' ତାରିଣୀ ବୁଣାକାର ସମବାୟ ସମିତି ଏବଂ ହିଙ୍ଗୁଳା ବୁଣାକାର ସମବାୟ ସମିତି ପରିଦର୍ଶନ କରି ଟସର ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା ଅବଲୋକନ କରିବା ସହ ବୁଣାକାରମାନଙ୍କ ସହ ଆଲୋଚନା କରିଥିଲେ । ଏହା ସହ ଗୋପାଳପୁରର ଟେରାକୋଟା କାରିଗରଙ୍କ ଘର ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟ ମଧ୍ୟ ଦେଖିଥିଲେ ।

ଏହାପରେ ଗୋପାଳପୁର ଡାକବଙ୍ଗଳା ଠାରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ହସ୍ତତନ୍ତ ସୋ-ରୁମ୍ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାଦ୍ୱାରା ସ୍ଥାନୀୟ ବୁଣାକାର ଓ କାରିଗରମାନଙ୍କୁ ଉନ୍ନତ ବଜାର ସୁବିଧା ମିଳିବା ସହ



ସେମାନଙ୍କ ଉତ୍ପାଦର ପ୍ରଚାର-ପ୍ରସାର ବୃଦ୍ଧି ପାଇବ ଏବଂ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବା ସହ ଏହି ସୋ-ରୁମ ଯାଜପୁରର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ ।

ଅପରାହ୍ଣରେ ସେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ପୁଞ୍ଜରେ କାଇଁଚ ହସ୍ତଶିଳ୍ପ କାରିଗରଙ୍କ ପାଇଁ ନିର୍ମିତ ସାଧାରଣ ସୁବିଧା କେନ୍ଦ୍ର ପରିଦର୍ଶନ କରି କାରିଗରମାନଙ୍କ ସହ ଆଲୋଚନା କରିଥିଲେ ।

ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ନିର୍ଦ୍ଦେଶକ, ସେରିକଲ୍‌ଚର, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର, ଟେକ୍ସଟାଇଲ, ଗୋଲାପୀ ଗୋପରାଣୀ ମୁର୍ମୁ, ଡେପୁଟି ଡାଇରେକ୍ଟର, ହସ୍ତଶିଳ୍ପ, ଜ୍ୟୋତି ରଞ୍ଜନ ଜେନା, ରସୁଲପୁର, ଧର୍ମଶାଳାର ବିଡିଓମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।





# ପୌରସଂସ୍ଥାଗୁଡ଼ିକର ଆର୍ଥିକ କ୍ଷମତା ବଢ଼ିଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଏବଂ ପୌରାଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସଂସ୍କାର ସ୍ୱରୂପ ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍‌ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ । ଏହି ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ଏମଡି ମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହିତ ସମାନ କରାଯାଇଛି । ମହାନଗର ନିଗମ ପାଇଁ:ବିଲ୍ ମଞ୍ଜୁରୀ:କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଏବଂ କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁର ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସୀମା ଭୁବନେଶ୍ୱର ମହାନଗର ନିଗମ ପାଇଁ ୫୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମହାନଗର ନିଗମ ପାଇଁ ୧୫ ଲକ୍ଷ ଟଙ୍କା ଥିଲା । ୧ କୋଟି ଟଙ୍କାରୁ ଅଧିକ ବିଲ୍‌କୁ ମହାନଗର ନିଗମର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ । ଦରମା ଓ ପେନ୍‌ସନ୍: କମିଶନରମାନଙ୍କୁ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି । ପ୍ରଶାସନିକ ଅନୁମୋଦନ: ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେବାର ସୀମା ୨ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ୩ କୋଟିରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ଚୁକ୍ତିସମ୍ପର୍କିତ ସ୍ଥାୟୀ କମିଟି, ୪ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ମହାନଗର ନିଗମ ଏବଂ ୫ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ପାଇଁ ପ୍ରାଶାସନିକ ବିଭାଗ ର ଅନୁମୋଦନ ଆବଶ୍ୟକ ହେବ । ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀ ମାନଙ୍କ ପ୍ରଦାନ କ୍ଷମତା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ପାଇଁ ନିର୍ବାହୀ ଅଧିକାରୀ ଏବଂ ପୌର ଅଧକ୍ଷଙ୍କ ଯୁଗ୍ମ ସ୍ୱାକ୍ଷର ଆବଶ୍ୟକ ହେବ । ଦରମା ଓ ପେନ୍‌ସନ୍: ନିର୍ବାହୀ ଅଧିକାରୀମାନଙ୍କୁ ମଧ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି । ପ୍ରଶାସନିକ ଅନୁମୋଦନ: ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମା ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷରୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପୌର ପରିଷଦ ଦ୍ୱାରା ଅନୁମୋଦିତ ହେବ ଏବଂ ୩ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ । ଆର୍ଥିକ କ୍ଷମତାର ଏହି ସଂଶୋଧନ ଦ୍ୱାରା ସ୍ଥାନୀୟ ପୌରସଂସ୍ଥାଗୁଡ଼ିକ ଅଧିକ ଆର୍ଥିକ ସ୍ୱାୟତ୍ତତା ପାଇବା ସହ ସରକାରୀ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇବ । ଏହା ସହିତ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ନାଗରିକ ଭିତ୍ତିଭୂମି ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

# ଶ୍ରୀଜୀଉଙ୍କ ବାହୁଡ଼ା, ସୁନାବେଶ ଲାଗି ଯାନବାହନ କଟକଣା

**ପୁରୀ, ନ୍ୟୁଜ ବ୍ୟୁରୋ**
ଶୁକ୍ରବାର ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା । ଶନିବାର ସୁନାବେଶ । ଏହି ଦୁଇ ଦିନ ଲାଗି ପୁରୀ ପୁଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ବାହୁଡ଼ାଯାତ୍ରା ପୂର୍ବ ଦିନ ଅର୍ଥାତ ୨୩ ତାରିଖ ରାତି ୧୨ ଟାରୁ ୨୬ ତାରିଖ ସକାଳ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ । ପରବର୍ତ୍ତୀ ସମୟରେ ଭିଡ଼ ଦେଖି ଟ୍ରାଫିକ କଟକଣା ପରିବର୍ତ୍ତନ ହୋଇପାରିବ । ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ସମସ୍ତ ଅନ୍ତଃରାଜ୍ୟ ଟୁରିଷ୍ଟ ବସ୍‌ଗୁଡିକ ମାଳତୀପାଟପୁରଠାରେ ପାର୍କିଂ କରିବେ । ସେଠାରୁ ସେମାନେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ । ଭୁବନେଶ୍ୱର ଓ କଟକ ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍‌ଗୁଡିକ ମାଳତିପାଟପୁର ଓଭରବ୍ରିଜ୍ ଦେଇ ବାଇପାସ୍‌ରେ ଆସି ବାଇଦାସନଗର ଛକରୁ ଗ୍ରୀଡ୍‌ଷ୍ଟେସନ ଛକ ଦେଇ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପାର୍କିଂରେ ରହିବେ । ଫେରିବା ସମୟରେ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନଛକ, ଗ୍ରୀଡ ଷ୍ଟେସନ, ବାଇଦାସନଗର-ରାମଚଣ୍ଡୀ -କୋଣାର୍କ -ଗୋପ- ନିମାପଡା-ପିପିଲି ଓଭରବ୍ରିଜ୍ ଦେଇ ଭୁବନେଶ୍ୱର ଅଭିମୁଖେ ଯିବେ। ତାଳବଣିଆ ବସ୍‌ଷ୍ଟାଣ୍ଡ ପୂର୍ଣ୍ଣ ହୋଇଗଲେ ଭୂଦାନ ଛକରେ ଯାତ୍ରୀଙ୍କୁ ଓହ୍ଲାଇ ସ୍ୱାମୀନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବେ । ଫେରିବା ସମୟରେ ସ୍ୱାମୀ ନାରାୟଣ ମନ୍ଦିର ଭୂଦାନଛକ-ଗ୍ରୀଡ୍ ଷ୍ଟେସନ-ବାଇଦାସନଗର ରାମଚଣ୍ଡୀ-କୋଣାର୍କ-ଗୋପ-ନିମାପଡା- ପିପିଲି ଓଭରବ୍ରିଜ୍ ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯିବେ । ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ନିୟମିତ ଯାତ୍ରୀବାହୀ ବସ୍‌ଗୁଡିକ ଗିରଳ ଛକ ଦେଇ ମଙ୍ଗଳାଘାଟ ବ୍ରିଜ୍‌ରୁ ଯାଇ ସମଙ୍ଗ ପାର୍କିଂରେ ପାର୍କିଂ କରିବ । ସେଠାରୁ ବ୍ରହ୍ମଗିରି ଅଭିମୁଖେ ଫେରିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ବସ୍‌ଗୁଡିକ ଚନ୍ଦ୍ରଭାଗା-ରାମଚଣ୍ଡୀ-ବାଲିଘାଇ-ବାଇଦାସନଗର ଗ୍ରୀଡଷ୍ଟେସନ, ଭୂଦାନ ଛକ, ଇନ୍‌ଡୋର ଷ୍ଟାଡିୟମ ଛକ ଦେଇ ତାଳବଣିଆରେ ପାର୍କିଂ କରିବ । ଫେରିବା ସମୟରେ ସେଣ୍ଟ୍ରାଲ ସ୍କୁଲ-ଭୂଦାନଛକ-ଗ୍ରୀଡ ଷ୍ଟେସନ ଦେଇ ବାଲିଘାଇ ଦେଇ ନିଜ ଗନ୍ତବ୍ୟସ୍ଥଳରେ ଯିବେ । ତାଳବଣିଆ ପାର୍କିଂ ପୂର୍ଣ୍ଣ ହୋଇଗଲେ ଭୂଦାନଛକରେ ଯାତ୍ରୀଙ୍କୁ ଓହ୍ଲାଇ ସ୍ୱାମୀନାରାୟଣ ମନ୍ଦିର ନିକଟରେ ପାର୍କିଂ କରିବ । ଭୁବନେଶ୍ୱର ପଟୁ ଆସୁଥିବା ହାଲୁକା ଯାନଗୁଡ଼ିକ ମାଳତୀପାଟପୁର ଓଭରବ୍ରିଜ୍ ଦେଇ ତାଳବଣିଆର ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ, ଇନଡୋର ଷ୍ଟାଡିୟମ, ଉଦ୍ୟାନ କୃଷିପଡ଼ିଆ, ସ୍ୱଚ୍ଛ ମାଛବଜାରରେ ଯାନଗୁଡିକ ପାର୍କିଂ କରିବେ । ସେଠାରୁ ଫେରିବାବେଳେ ପିକେଆରଟି ଛକଦେଇ କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ ଷ୍ଟେସନ ଛକ, ବାଲିଘାଟ ଓ ସମଙ୍ଗରା ଦେଇ ହରେକୃଷ୍ଣପୁର ଛକରେ ବାହାରି ଭୁବନେଶ୍ୱର ଫେରିବେ । ତାଳବଣିଆ ପାର୍ଶ୍ୱରେ ପାର୍କିଂ ପୂର୍ଣ୍ଣ ହୋଇଗଲା ପରେ ମାଳତୀପାଟପୁର ଓଭରବ୍ରିଜ୍ ଦେଇ ବାଟଗାଁ ଛକ ଦେଇ ଶ୍ରୀସେତୁ ନିକଟରେ ପାର୍କିଂ କରିବେ। ଶ୍ରୀସେତୁ ପାର୍କିଂସ୍ଥଳ ପୂର୍ଣ୍ଣ ପରେ ମଙ୍ଗଳା ଘାଟ ଛକ-ଓଁକାରେଶ୍ୱର ମନ୍ଦିର ଦେଇ ଷ୍ଟର୍ଲିଂ ଛକ ନିକଟରେ ପାର୍କିଂ କରିବେ । ଫେରିବାବେଳେ ସେହି ରାସ୍ତା ଦେଇ ଫେରିବେ । ସେହିଭଳି ବ୍ରହ୍ମଗିରିପଟୁ ଆସୁଥିବା ସମସ୍ତ ହାଲୁକାଯାନଗୁଡିକ ଅସ୍ଥାୟୀ ସମଙ୍ଗ ପାର୍କିଂରେ ପାର୍କିଂ କରିବେ । ସେଠାରୁ ସେହି ସମାନ ରାସ୍ତାଦେଇ ଫେରିବେ। ଭୁବନେଶ୍ୱର ଓ ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇ ଚକିଆ ଯାନଗୁଡିକ ମାଳତୀପାଟପୁର-ବାଟଗାଁ-ମଙ୍ଗଳାଘାଟ ଛକ ଦେଇ ପୁରୁଣା ଜଗନ୍ନାଥବଲ୍ଲଭରେ ଓ ମାଟିତୋଟା ଖେଳପଡ଼ିଆରେ ପାର୍କିଂ କରିବେ। ଜଗନ୍ନାଥବଲ୍ଲଭରେ ରହିଥିବା ଗାଡିଗୁଡିକ ଫେରିବାବେଳେ ନରେନ୍ଦ୍ରକୋଣ, ଜଟିଆ ବାବାଜି ଛକ, କୁମ୍ଭାରପଡା ଥାନା, ଅଠରନଳା ଦେଇ ବାଟଗାଁ ଛକରୁ ଭୁବନେଶ୍ୱର ଅଭିମୁଖେ ଫେରିପାରିବେ । ମାଟିତୋଟା ଖେଳ ପଡ଼ିଆ ପାର୍କିଂରୁ ଶ୍ରୀସେତୁ ସର୍ଭିସ ରୋଡ, ମଙ୍ଗଳାଘାଟରେ ୟୁଟର୍ଣ୍ଣ କରି ବାଟଗାଁ ଦେଇ ମାଳତୀପୁର ଅଭିମୁଖେ ଫେରିବେ । ଦୁଇ ପାର୍କିଂସ୍ଥଳ ପୂର୍ଣ୍ଣ ହୋଇଗଲେ ମାଟିତୋଟା ହେଲିପ୍ୟାଡରେ ପାର୍କିଂ କରିବେ । ସେହିପରି କୋଣାର୍କ ପଟୁ ଆସୁଥିବା ଗାଡ଼ିଗୁଡିକ ତାଳବଣିଆ ଦେଇ ବ୍ଲୁଫ୍ଲାଗ୍ ବିଚ୍ ଓ ହୋଟେଲ ନୀଳାଚଳ ଅଶୋକରେ ପାର୍କିଂ କରିବେ । ସେଠାରୁ ଆସି ଥିବା ରାସ୍ତାରେ ପ୍ରତ୍ୟାବର୍ତ୍ତନ କରିବେ । ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ସମସ୍ତ ଦୁଇଚକିଆଗାଡି ଗୁଡିକ ଜଗନ୍ନାଥବଲ୍ଲଭ ଓ ମାଟିତୋଟା ଖେଳପଡିଆ ପାର୍କିଂସ୍ଥଳରେ ପାର୍କିଂ କରିବେ । ଫେରିବା ସମୟରେ ଯେଉଁ ରାସ୍ତାରେ ଆସିଥିଲେ ସେହି ରାସ୍ତାରେ ପ୍ରତ୍ୟାବର୍ତ୍ତନ କରିବେ । ତାଳବଣିଆ ପଟୁ ମାଗଣା ଅଟୋ ଓ ସଟଲ୍ ସେବା ୱାଟରୱାର୍କ୍ସ ରୋଡ, ଓଡ଼ିଶା ବେକାରୀ ଓ ରାମମନ୍ଦିର ଦେଇ ଘୋଡ଼ାବଜାର ପର୍ଯ୍ୟନ୍ତ ଚାଲିବ । ଫେରିବା ବେଳେ ମାଗଣା ସଟଲ ସେବା ରାମମନ୍ଦିର ଛକଠାରୁ ମିଳିବ । ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ଛକ ଦେଇ ତାଳବଣିଆକୁ ପ୍ରସ୍ଥାନ କରିବେ । ସମଙ୍ଗ ପାର୍କିଂରୁ ମାଗଣା ସଟଲ ସେବା ଶ୍ରୀସେତୁ ଓଭରବ୍ରିଜ୍ ପର୍ଯ୍ୟନ୍ତ ଚାଲିବ। ସେହିପରି ସମଙ୍ଗ ପାର୍କିଂରୁ ସଟଲ୍ ସେବା ମଙ୍ଗଳାଘାଟ ଛକ ଦେଇ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଚାଲିବ । ଷ୍ଟର୍ଲିଂ ଛକରୁ ସଟଲ୍ ସେବା ଲାଇଟ୍ ହାଉସ ପର୍ଯ୍ୟନ୍ତ ଚଳାଚଳ କରିବ ।

# ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ସାଢ଼େ ୩ଗୁଣ ବଢ଼ିଛି : ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟ ୧୩ ଗୁଣ ବୃଦ୍ଧି ପାଇଛି । ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କାର ରେଳ ବଜେଟ୍ ମିଳୁଥିଲା। ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧି ପାଇ ୧୦ ହଜାର ୯୨୮ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ସାଢ଼େ ୩ଗୁଣ ବଢ଼ିଛି । ୨୦୦୯-୧୪ ମଧ୍ୟରେ ବାର୍ଷିକ ହାରାହାରୀ ନୂଆ ଟ୍ରାକ୍ ନିର୍ମାଣ ୫୩ କିମି ଥିବା ବେଳେ୨୦୧୪-୨୬ରେ ଏହା ୧୮୬ କିମିକୁ ବୃଦ୍ଧି ପାଇଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ଏପ୍ରିଲ୍ ପହିଲା ୨୦୨୬ ସୁଦ୍ଧା ୧୯ଟି ନୂଆ ଲାଇନ୍ ଏବଂ ୩୬ଟି ରେଳ ଲାଇନର ଦୋହରୀକରଣ/ପ୍ରଶସ୍ତିକରଣ ସମେତ ମୋଟ୍ ୫୫ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ମୋଟ୍ ୪,୨୫୬ କିମି ରେଳ ଲାଇନ୍ ନିର୍ମାଣ ଲାଗି ୮୧,୭୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନିକଟରେ ଦୈତାରୀ-ବାଂଶପାଣୀ ନୂଆ ଲାଇନ, ଝାରସୁଗୁଡ଼ା-ସରଡେଗା ନୂଆ ଲାଇନ, ହରିଦାସପୁର-ପାରାଦୀପ ନୂଆଲାଇନ, ସମ୍ବଲପୁର-ଟିଟିଲାଗଡ଼ ଲାଇନ ଦୋହରୀକରଣ ଆଦି ସମେତ ୩୨ଶହ କୋଟି ଟଙ୍କାର ୧୧ଟି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ବର୍ତ୍ତମାନ ୨୬ଟି ରେଳ ପ୍ରକଳ୍ପର ନିର୍ମାଣ କାର ?ୟ୍ୟ ଜାରି ରହିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ମୋଟ୍ ୫୯ଟି ଷ୍ଟେସନର ପୁନର୍ବିକାଶ କାମ ଚାଲୁ ରହିଛି । ବର୍ତ୍ତମାନ ସୁଦ୍ଧା ୯ଟି ଷ୍ଟେସନ - ବଲାଙ୍ଗୀର, ବାରିପଦା, ବରପାଲି, ବିମଳାଗଡ, କଟକ, କେସିଙ୍ଗା, ଖରିଆର ରୋଡ, ପାରଳାଖେମୁଣ୍ଡି, ତାଳଚେରର ପୁନର୍ବିକାଶ କାମ ଶେଷ ହୋଇଛି । ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ଲାଗି ବ୍ୟାପକ ବିକାଶ କାମ ଜାରି ରହିଛି । କଟକ, ପୁରୀ, ମଞ୍ଚେଶ୍ୱର, ଲିଙ୍ଗରାଜରୋଡ ଷ୍ଟେସନକୁ ମଧ ବିକଶିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି । ଗୋପାଳପୁର-ରାଇରଖୋଲ ନୂଆ ଲାଇନ ନିର୍ମାଣ ଲାଗି ମଧ ପ୍ରୟାସ ଆରମ୍ଭ ହୋଇଛି । ଦେଶରେ ମୋଟ୍ ୧୪୨ଟି ଏବଂ ଓଡ଼ିଶାରେ ୧୨ଟି ଗତିଶକ୍ତି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି । ଆହୁରି ୩୬ଟି ଗତିଶକ୍ତି ଟର୍ମିନାଲକୁ ନୀତିଗତ ମଞ୍ଜୁରି ମିଳିଛି । ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ରଡଗଜ୍ ନେଟୱାର୍କର ବିଦ୍ୟୁତିକରଣ ଶେଷ ହୋଇଛି । ଦେଶରେ ୨୦୧୪ ପୂର୍ବରୁ ୨୧,୮୦୧ କିଲୋମିଟର ବ୍ରଡ୍ ଗଜ ନେଟୱାର୍କର ବିଦ୍ୟୁତିକରଣ ହୋଇଥିବା ବେଳେ ୨୦୧୪ରୁ ୨୦୨୬ ମଧ୍ୟରେ ୪୮,୦୭୨ କିଲୋମିଟର ବ୍ରଡଗଜ୍ ନେଟୱାର୍କର ବିଦ୍ୟୁତିକରଣ କରାଯାଇଛି । ଏହାଛଡ଼ା ଓଡ଼ିଶାରେ ଯେଉଁ ନୂଆ ଲାଇନ୍ ଏବଂ ରେଳ ଲାଇନର ଦୋହରୀକରଣ କରାଯାଉଛି, ସେଗୁଡ଼ିକର ବିଦ୍ୟୁତିକରଣ ସହିତ ନିର୍ମାଣ କରାଯାଉଛି । ଓଡ଼ିଶା ସମେତ ଦେଶରେ ରେଳ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଏବଂ ସମନ୍ୱିତ ଢଙ୍ଗରେ ଶେଷ କରିବା ଲାଗି ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ ପ୍ରକଳ୍ପଗୁଡ଼ିକୁ ସାମିଲ କରାଯାଉଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି । ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଭାରତୀୟ ରେଳବାଇ ସୁରକ୍ଷା ସଂକ୍ରାନ୍ତ ବଜେଟ୍ ୨୦୧୩-୧୪ରେ ୩୯,୨୦୦ କୋଟି ଟଙ୍କା ଥିବା ବେଳେ ୨୦୨୬-୨୭ରେ ଏହା ୧ ଲକ୍ଷ ୨୦ ହଜାର ୩୮୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସରକାର ଉଚ୍ଚ ମାନର ରେଳ ଭିତ୍ତିଭୂମି ନିର୍ମାଣ କରିବା ସହିତ କବଚ୍ ଭଳି ସୁରକ୍ଷା ପ୍ରଣାଳୀ କାର୍ଯ୍ୟକାରୀ କରିଥିବା ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା ଲାଗି ପ୍ରଯୁକ୍ତିଗତ ଉନ୍ନତିକରଣ ସହିତ ରକ୍ଷଣାବେକ୍ଷଣ ପ୍ରତି ମଧ ବିଶେଷ ଧ୍ୟାନ ଦିଆଯାଉଛି । ୩,୬୯୧ଟି ଷ୍ଟେସନରେ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସୁବିଧା ରହିଛି ଯାହା ୨୦୧୩-୧୪ ତୁଳନାରେ ୪ ଗୁଣ ବୃଦ୍ଧି ପାଇଛି । ସେହିପରି ଫଗ୍ ପାସ୍ ସୁରକ୍ଷା ଉପକରଣ ସଂଖ୍ୟା ୩୫୨ ଗୁଣ ବୃଦ୍ଧି ପାଇଛି । ନୂତନ ଟ୍ରାକ୍ ନିର୍ମାଣ ଅଢ଼େଇ ଗୁଣ ବଢ଼ିଥିବା ବେଳେ ରେଳବାଇ ଫ୍ଲାଇଓଭର ଏବଂ ଅଣ୍ଡରପାସ୍ ସଂଖ୍ୟା ୩ ଗୁଣ ବୃଦ୍ଧି ପାଇଛି । ଏଲଏଚବି କୋଚ୍ ସଂଖ୍ୟା ୨୧ ଗୁଣ ବଢ଼ିଛି ଅର୍ଥାତ୍ ୪୯ ହଜାର ୩୬୬କୁ ବୃଦ୍ଧି ପାଇଛି । ଉଚ୍ଚ ସ୍ତରର ସୁରକ୍ଷା ପାଇଁ ସ୍ୱଦେଶୀ ଜ୍ଞାନକୌଶଳର ସ୍ୱୟଂକ୍ରିୟ ଟ୍ରେନ୍ ସୁରକ୍ଷା ପ୍ରଣାଳୀ କବଚ କାର୍ଯ୍ୟକାରୀ କରାଯାଉଛି । ୧୪୬୫ ରୁଟ୍ କିଲୋମିଟରରେ କବଚ୍ ୩.୨ କାର୍ଯ୍ୟକ୍ଷମ କରାଯାଇଛି। ୨,୪୯୦ ରୁଟ୍ କିଲୋମିଟରରେ ସେହିପରି କବଚ ୪.୦ କାର୍ଯ୍ୟକ୍ଷମ ହୋଇଛି । କବଚ କାମ ବାବଦରେ ଏବେ ସୁଦ୍ଧା ୩୮୭୪.୯ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ୨୦୬୬.୨୪ କୋଟି ଟଙ୍କାର ପାଣ୍ଠି ଉପଲବ୍ଧ ରହିଛି ।

# କାଳିନ୍ଦୀ ସାମଲଙ୍କ ଉପନ୍ୟାସ 'ଅପର ପକ୍ଷ' ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଶିଷ୍ଟ ଔପନ୍ୟାସିକା ତଥା ରାଜନେତା କାଳିନ୍ଦୀ ସାମଲଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଅପର ପକ୍ଷ' ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରକୋଷ୍ଠରେ ଲୋକାର୍ପିତ ହୋଇଯାଇଛି । ଏହି ପୁସ୍ତକ ଲୋକାର୍ପଣ ଉତ୍ସବକୁ ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟ ବକ୍ତା, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପ୍ରୀତିରାଜ ଶତପଥୀ ସମ୍ମାନୀତ ଅତିଥି, ଓଡ଼ିଶା ଅଲମ୍ପିକ



ଆସୋସିଏସନର ସଭାପତି ସମୀର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ ବିଶିଷ୍ଟ କଥାଶିଳ୍ପୀ ଡକ୍ଟର ଅରବିନ୍ଦ ରାୟ ଏବଂ ଏହାର ଆୟୋଜନ ପ୍ରତିଷ୍ଠାନ 'ସାରଳା ଭାଷା ସାହିତ୍ୟ ଓ ପୁରାତତ୍ତ୍ୱ ଗବେଷଣାନ୍ୟାସ'ର ନିର୍ଦ୍ଦେଶକ ଅଜିତ ଦାଶ 'ଅପର ପକ୍ଷ' ଉନ୍ମୋଚନର ବିଶେଷତ୍ୱ ଉପରେ ବର୍ଣ୍ଣନା କରିଥିଲେ । ପୁସ୍ତକ ସମୀକ୍ଷା କରିଥିଲେ ଆଦିବାସୀ ଗବେଷଣା ବିକାଶ କେନ୍ଦ୍ରର ନିର୍ଦ୍ଦେଶ ଡକ୍ଟର ବିକ୍ରମ ଜେନାକ୍ଷ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୀତିକାର ପଞ୍ଚାନନ ନୟାକଙ୍କ ସଂଯୋଜନାରେ ପାରିବେଶିତ ଭକ୍ତିସଂଗୀତ ଅସାର ବେଶ ମନମୁଗ୍ଧ କରିଥିଲା । ଡକ୍ଟର ରାଧାଗୋବିନ୍ଦ କୋଇଲା ଓ ଡକ୍ଟର ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଠାରେ ପୁସ୍ତକର ପ୍ରକାଶକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପଦ୍ମଶ୍ରୀ ପ୍ରଭାକର ମହାରଣା ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।

# ମହିଳାଙ୍କ ଶରୀରରେ ପୁରୁଷ ଯୌନାଙ୍ଗ : ଏସ୍‌ସିବିରେ ୪ ମହିଳାଙ୍କ ଅସ୍ତ୍ରୋପଚାର

**କଟକ, ନ୍ୟୁଜ ବ୍ୟୁରୋ**
ଏସ୍‌ସିବି ମେଡ଼ିକାଲର ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଚାରି ଜଣ ମହିଳାଙ୍କ ବିରଳ ଅସ୍ତ୍ରୋପଚାର କରାଯାଇଛି । ହରମୋନ୍ ଜନିତ ସମସ୍ୟା ପାଇଁ ଜନ୍ମରୁ ଏହି ମହିଳାଙ୍କ ଗୁପ୍ତାଙ୍ଗ ପୁରୁଷଙ୍କ ଭଳି ହୋଇଥିବାରୁ ଏହାକୁ ନେଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପ୍ଲାଷ୍ଟିକ ସର୍ଜରି ବିଭାଗରେ ସଫଳ ଅସ୍ତ୍ରୋପଚାର ଫଳରେ ସେମାନେ ଏବେ ସ୍ୱାଭାବିକ ଭାବେ ଜୀବନ ବିତାଇପାରିବେ ବୋଲି କୁହାଯାଇଛି । ପ୍ରତି ୫ରୁ ୧୦ ହଜାର ଶିଶୁଙ୍କ ମଧ୍ୟରୁ ଜଣେ ଏହି ରୋଗରେ ପୀଡ଼ିତ ହୋଇଥାନ୍ତି । ଏହାକୁ ଡାକ୍ତରୀ ଭାଷାରେ 'ଜନ୍ମଗତ ଆଡ୍ରେନାଲ୍ ହାଇପରପ୍ଲେସିଆ' କୁହାଯାଏ । ଏହାଦ୍ୱାରା ଗର୍ଭାଶୟ ଓ ଓଭାରି (ଅଣ୍ଡାଶୟ) ବିକାଶରେ ମଧ ସମସ୍ୟା ହୋଇଥାଏ । ଫଳରେ ଏହି ରୋଗରେ ଆକ୍ରାନ୍ତ ମହିଳା ଗର୍ଭବତୀ ହେବାରେ ସମସ୍ୟା ହୋଇଥାଏ । ଓଡ଼ିଶାର ତିନି ଜଣ ଓ ଝାଡ଼ଖଣ୍ଡର ଜଣେ ମହିଳା ଏଭଳି ବିରଳ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ପହଞ୍ଚିଲେ । ଜନ୍ମରୁ ସେମାନଙ୍କ ହରମୋନ୍ ଜନିତ ସମସ୍ୟା ଯୋଗୁ ସେମାନଙ୍କ ଗୁପ୍ତାଙ୍ଗ ପୁରୁଷଙ୍କ ଭଳି ହୋଇଥିଲା । ଏହି ଯୌନାଙ୍ଗ ପାଖାପାଖି ୮ରୁ ୧୦ ସେଣ୍ଟିମିଟର ଲମ୍ବର ହୋଇଥିଲା । ଏଭଳି ସମସ୍ୟା ଯୋଗୁ ଏହି ମହିଳାଙ୍କ ପରିସ୍ରା ଦ୍ୱାର ଏବଂ ଗର୍ଭାଶୟ ବିକାଶରେ ମଧ ସମସ୍ୟା ହୋଇଥିଲା । ଏହି ରୋଗ ଯୋଗୁ ମହିଳାଙ୍କ ସ୍ୱର ପୁରୁଷଙ୍କ ଭଳି ଶୁଭୁଥିଲା । ମୁହଁରେ ଦାଢ଼ି ବି ଉଠିଯାଇଥିଲା । ଫଳରେ ସେମାନେ ମାନସିକ ଚାପରେ ରହୁଥିଲେ । ଏମାନେ ପ୍ରଥମେ ଏସ୍‌ସିବି ଏଣ୍ଡୋକ୍ରିନୋଲଜି ଏବଂ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଡାକ୍ତରଙ୍କୁ ଦେଖାଇବା ପରେ ଶେଷରେ ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ଭର୍ତ୍ତି ହୋଇଥିଲେ । ପ୍ଲାଷ୍ଟିକ୍ ସର୍ଜରି ବିଭାଗରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଶ୍ୱଜିତ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ଏହି ଚାରି ମହିଳାଙ୍କ ସଫଳତାର ସହିତ ଅସ୍ତ୍ରୋପଚାର କରାଯାଇଥିଲା । ପ୍ଲାଷ୍ଟିକ ସର୍ଜରି ବିଶେଷଜ୍ଞଙ୍କ କହିବା ଅନୁଯାୟୀ,





ଷ୍ଟେରଏଡ୍ ତିଆରି ହେଉଥିବା ଏନ୍‌ଜାଇମ୍ ଅଭାବରୁ ଶରୀରରେ ଅନେକ ପରିବର୍ତ୍ତନ ଆସିଥାଏ । ଜେନେଟିକ୍ ମ୍ୟୁଟେସନ୍ ଯୋଗୁ ଏହି ରୋଗ ହୋଇଥାଏ । ଏଥିଯୋଗୁ ଜନ୍ମ ପରେ କିମ୍ବା ଶିଶୁର ବିକାଶ ପରେ କୌଣସି ସମୟରେ ଏହାର ପ୍ରଭାବ ଶରୀରରେ ଦେଖାଯାଏ । ଏହା ଏକ ଜନ୍ମଗତ ରୋଗ ହୋଇଥିବାରୁ ଆଡ୍ରେନାଲ୍ ଗ୍ରନ୍ଥି ଠିକ୍ ଭାବେ ହରମୋନ୍ ତିଆରି କରିପାରେ ନାହିଁ । ଶରୀରରେ ପୁରୁଷ ହରମୋନ ବୃଦ୍ଧି ପାଏ । ପ୍ରଫେସର ଡାକ୍ତର ବିଶ୍ୱଜିତ ମିଶ୍ର କହିଛନ୍ତି ଯେ, ପ୍ଲାଷ୍ଟିକ ସର୍ଜରି କେବଳ ବର୍ଣ୍ଣ ଓ ଟ୍ରମା ମଧ୍ୟରେ ସୀମିତ ହୋଇନାହିଁ । ଶରୀରର ଯେକୌଣସି ଅଙ୍ଗର ପରିବର୍ତ୍ତନ ଆବଶ୍ୟକ ହେଉଥିଲେ ପ୍ଲାଷ୍ଟିକ ସର୍ଜରି ମାଧ୍ୟମରେ ଠିକ୍ କରାଯାଇପାରିବ । ଜନ୍ମରୁ ପୁରୁଷଙ୍କ ଭଳି ଗୁପ୍ତାଙ୍ଗ ଯୋଗୁ ସେମାନେ ସ୍କୁଲ ଯିବା ସମୟରେ ସମସ୍ୟାର ସାମନା କରିଥାନ୍ତି । ଅନେକ କ୍ଷେତ୍ରରେ ଲଜ୍ଜାବୋଧ ଯୋଗୁ ଡାକ୍ତରଙ୍କ ପରାମର୍ଶ ନେବାରେ ସମସ୍ୟା ହୋଇଥାଏ । ଏବେ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇପାରୁଥିବା ପ୍ରଫେସର ଡାକ୍ତର ମିଶ୍ର କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇନ୍‌ଭେଷ୍ଟମେଣ୍ଟ...

ତୃତୀୟରେ ତାମିଲନାଡୁ ଏବଂ ଚତୁର୍ଥରେ ଗୋଆ ରହିଛି । ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡ଼ିଶାର ସ୍ଥାନ ଚତୁର୍ଥରେ ରହିଛି। ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି । ଦେଶର ଉତ୍ତର ଓ ପୂର୍ବ ରାଜ୍ୟ ମାନଙ୍କ ମଧ୍ୟରୁ କେବଳ ଓଡିଶା ହିଁ ଟପ୍ ପରଫର୍ମର ଭାବେ ସ୍ଥାନିତ ହୋଇଛି ।

ଏହି ଅବସରରେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ । ଏହାଦ୍ୱାରା ଟିମ୍ ଓଡିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି । କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ ଓଡିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା । ଓଡିଶାରେ ନିବେଶ ପାଇଁ ଆମେ ବହୁତ ପରିଶ୍ରମ କରିଛୁ । ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ ରଖେ । ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ । ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଗୁଜୁରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟ ବହୁ ଆଗରୁ ଶିଳ୍ପୋନ୍ନତ ରାଜ୍ୟ ଭାବେ ମାନ୍ୟତା ପାଇଛନ୍ତି । ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ଡେରିରେ ଆରମ୍ଭ ହେଲେ ମଧ ଆମେ ବହୁତ ସ୍ପିଡରେ ଆଗକୁ ବଢୁଛୁ । ଆମକୁ ଏହି ସ୍ପିଡ ବଜାୟ ରଖିବାକୁ ହେବ । ୫ ବର୍ଷରେ ପୁଞ୍ଜିନିବେଶକୁ ୫ ଗୁଣ କରିବା ଲକ୍ଷ୍ୟରେ ଆମେ କାମ କରିବୁ ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଯେ, ଓଡିଶାରେ ଶିଳ୍ପାୟନ ଓ ରାଜ୍ୟର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି । ୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ । ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ । ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସବୁ ଜିଲ୍ଲାରେ ଶିଳ୍ପାୟନ ସହ ରୋଜଗାର ବୃଦ୍ଧିକୁ ଦୃଷ୍ଟିରେ ରଖି ଆମେ କାମ କରୁଛୁ । ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମସ୍ତେ ପ୍ରତିବଦ୍ଧତାର ସହ କାମ କରୁଛୁ । ଏହି ସମ୍ମାନ କେବଳ ଆମ ପାଇଁ ଏକ ବଳ ନୁହେଁ, ଏହା ଓଡିଶାକୁ ନିବେଶକମାନଙ୍କ ଭଲପାଇବାକୁ ଦର୍ଶାଉଛି । ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଏବେ ଓଡିଶା ଆଉ ସମ୍ଭାବନାର ରାଜ୍ୟ ଭାବେ ନୁହେଁ, ବରଂ ସଫଳତା ପ୍ରଦର୍ଶନର ରାଜ୍ୟ ଭାବେ ପରିଣତ ହୋଇଛି ।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ଏବେ ଦେଶର ଆଇଟି ମାନଚିତ୍ରରେ ସ୍ଥାନିତ ହୋଇଛି ।

ମୁଖ୍ୟମନ୍ତ୍ରୀ ଏବଂ ଟିମ୍ ଓଡିଶାକୁ ଧନ୍ୟବାଦ ଜଣାଇ ସି.ଆଇ.ଆଇ, ଓଡିଶା'ର ଅଧକ୍ଷ ଅନିଲ ସିଂ କହିଲେ ଯେ, ଓଡିଶାରେ ଶିଳ୍ପାୟନ ପାଇଁ ଶିଳ୍ପପତି, ଶିଳ୍ପ ପ୍ରତିନିଧି, ସରକାର ଓ ଅଧିକାରୀମାନେ ଟିମ୍ ମନୋଭାବ ନେଇ କାମ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ବର୍ଷରେ ଓଡିଶା ନିଶ୍ଚିତ ରୂପେ ଏହି ସୂଚକାଙ୍କରେ ଦ୍ୱିତୀୟ ସ୍ଥାନ ଅଧିକାର କରିବ ।

ଆଇ.ସି.ସି, ଓଡିଶାର ଚେୟାରମ୍ୟାନ ରାଜୀବ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ସମ୍ପନ୍ନ ନେତୃତ୍ୱରେ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ପ୍ରତ୍ୟେକ ଦିନ ଓଡିଶା ଶିଳ୍ପ କ୍ଷେତ୍ରରେ କିଛି ନା କିଛି ଫୁଟ୍‌ପ୍ରିଣ୍ଟ ଛାଡୁଛି ।

ସି.ଆଇ.ଆଇର ପ୍ରତିନିଧି ସୁବ୍ରତ ତ୍ରିପାଠୀ କହିଥିଲେ ଯେ, ଓଡିଶାରେ ଏଭଳି ବିକାଶ ଆମେ ଆଜି ପର୍ଯ୍ୟନ୍ତ ଦେଖି ନଥିଲୁ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଓଡିଶାରୁ ହିଁ ଆରମ୍ଭ ହେଉଛି ।

ଅନ୍ୟ ଶିଳ୍ପ ପ୍ରତିନିଧିମାନେ ଶିଳ୍ପାୟନ ପାଇଁ ସମସ୍ତ କ୍ଷେତ୍ରକୁ ଉପଯୁକ୍ତ ପ୍ରାଧାନ୍ୟ ଓ ସହଯୋଗ ମିଳୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଓଡିଶା ଶିଳ୍ପ ବିକାଶର ପାର୍ଟନର ଭାବେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ବୋଲି ମତ ପ୍ରକାଶ କରିଥିଲେ ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜଙ୍ଗଲ, ଜଳ ସମ୍ପଦ, ରାଜସ୍ୱ ବିଭାଗ ସହିତ ଅନ୍ୟାନ୍ୟ ବିଭାଗମାନଙ୍କ ଆନ୍ତରିକ ସହଯୋଗରେ ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଆମେ ଆଗକୁ ବଢୁଛୁ ବୋଲି କହିଥିଲେ ।

ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓଡିଶାରେ ଶିଳ୍ପ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରି ଧନ୍ୟବାଦ ଦେଇଥିଲେ । ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଆବୋଲି ସୁନୀଲ ନରଭାଣେ ଉପସ୍ଥିତ ଥିଲେ ।

## ଆମେରିକା ୟୁକ୍ରେନକୁ ...

କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ ଋଷର ଶକ୍ତି ଭିତ୍ତିଭୂମି ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣକୁ ସମର୍ଥନ କରିଛନ୍ତି, ଯାହା ଯୁଦ୍ଧ ଶେଷ କରିବାରେ ସାହାଯ୍ୟ କରିପାରେ ।

## ବରଯାତ୍ରୀ କାର୍ ...

ଲୋକଙ୍କ କହିବାନୁସାରେ କାରଣଟି ବାହାରକୁ ମାତ୍ର ୭/୮ଇଞ୍ଚ ଦେଖାଯାଉଥିଲା । ୨ ଜଣ କାରରୁ ବାହାରିବାରେ ସଫଳ ହୋଇଥିବା ବେଳେ ଅନ୍ୟମାନେ ଫସି ଯାଇଥିଲେ ।

## ସରକାରୀ ମେଡିକାଲ ...

ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଉନ୍ନତମାନର ଚିକିତ୍ସା ଆହୁରି ସହଜ ହେବ । ଏହି ଅନୁମୋଦନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସେବା ଆଗେଇବା ସହ ଗୁଣବତ୍ତା ଚିକିତ୍ସା ଯୋଗାଇବାରେ ବିଭାଗ ଅଧିକ ସଫଳ ହେବ । ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ । ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ ଫଳରେ ଆଗାମୀ ଦିନରେ ମାନବ ସମ୍ବଳ ବୃଦ୍ଧି ହେବା ସହ ସ୍ୱାସ୍ଥ୍ୟସେବା ଶିଖର ଛୁଇଁବ ବୋଲି ଆଶା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ଗତ ଦୁଇବର୍ଷ ମଧ୍ୟରେ ବିଭାଗରେ ୫୧୯୭ ମେଡିକାଲ ଅଫିସର ଓ ପାରାମେଡିକ୍ସ ଷ୍ଟାଫ ନିଯୁକ୍ତି ହୋଇଛନ୍ତି । ସେହିପରି ୫୯୮୯ ନର୍ସିଂ ଅଫିସର ଏବଂ ୨୪୦ ରେଡିଓଗ୍ରାଫର ନିଯୁକ୍ତି ପାଇଁ ଅନୁମୋଦନ, ୧୧୦୮ ଫାର୍ମାସିଷ୍ଟ ଅଧିକାରୀ, ୨୩୮ ଅପଥାଲମିକ ଅଧିକାରୀ, ୩୮୦ ମେଡିକାଲ ଲ୍ୟାବ ଟେକନିସିଆନ ପଦବୀ ଅନୁମୋଦନ ମିଳିଛି ।

## ଲାଭରେ ଇତିହାସ...

ପାଖରେ ରହିଛି । କମ୍ପାନୀ ନିକଟରେ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜାରି କରିବାରୁ ଆଲଫାବେଟକୁ ବଡ଼ ଧରଣର ଲାଭ ମିଳିଛି ।

## ବିଜେଡିର ଜିଲ୍ଲା ସଭାପତିଙ୍କୁ ଭେଟିଲେ ନବୀନ

# ସଙ୍ଗଠନ, ପଞ୍ଚାୟତ ନିର୍ବାଚନ ଓ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନୂଆଦିଲ୍ଲୀରୁ ଫେରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନବୀନ ନିବାସରେ ଦଳର ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତିମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ନବୀନ । ସାଙ୍ଗଠନିକ କାର୍ଯ୍ୟକ୍ରମ, ପଞ୍ଚାୟତ ନିର୍ବାଚନ ଓ ଏସ୍‌ଆଇଆର ଆଦି ବିଷୟରେ ସେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ଓ ବ୍ଲକ କମିଟି ଅଗଷ୍ଟ ୧୫ ସୁଦ୍ଧା ଶେଷ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି,'ରାଜ୍ୟରେ ଏବେ ଏସ୍‌ଆଇଆରର ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ପର୍ଯ୍ୟାୟରେ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ ନପଡେ ସେଥିପ୍ରତି ସଜାଗ ରହିବା । ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ସଚେତନ କରିବାକୁ ଜିଲ୍ଲା ସଭାପତିମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଗାମୀ ୨୮ ତାରିଖରେ ଏ ସମ୍ପର୍କରେ ସେ ପୁଣି ଥରେ ସମୀକ୍ଷା କରିବେ । ସାମାଜିକ ଗଣମାଧ୍ୟମକୁ ଆହୁରି ବ୍ୟାପକ କରି ଏହା ଜରିଆରେ ତୃଣମୂଳ ସ୍ତରରେ ଦଳର କାର୍ଯ୍ୟକ୍ରମକୁ ପହଞ୍ଚାଇବାକୁ ନବୀନ ପରାମର୍ଶ ଦେଇଛନ୍ତି ।' ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କରେ ନବୀନ ଆଲୋଚନା କରିଛନ୍ତି । ରାଜ୍ୟରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବିପୁଳ ସଫଳତା ହାସଲ କରିଥିଲା । ଆଗାମୀ ନିର୍ବାଚନରେ ମଧ ଏହି ସଫଳତାକୁ ବିଜେଡି ରିପିଟ କରିବ । ଏଥିପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ଗଠନ ହେବ । ଏହା ସହ ଖୁବଶୀଘ୍ର ପଞ୍ଚାୟତ ଓ ୱାର୍ଡ ସ୍ତରୀୟ କମିଟି ଗଠନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଆଗାମୀ ସେପ୍ଟେମ୍ବର ମାସରେ ସେ କମିଟି ଗୁଡିକ ସହ ଆଲୋଚନା କରିବେ ବୋଲି ନବୀନ ସୂଚନା ଦେଇଛନ୍ତି । ଏହି ବୈଠକରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ଦଳର ବରିଷ୍ଠ ନେତା ଏବଂ ୪୦ଟି ସାଂଗଠନିକ ଜିଲ୍ଲାର ସଭାପତିମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି ।

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୪ ଜୁଲାଇ, ଶୁକ୍ରବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27



ପୁରୀ : ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାହୁଡା ଯାତ୍ରା ନିମନ୍ତେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଛି ନନ୍ଦିଘୋଷ, ତାଳଧ୍ୱଜ, ଦର୍ପଦଳନ ରଥ । (ଫଟୋ : ସମ୍ବାଦ କଳିକା)

# ଗୁଣ୍ଡିଚାଘରେ ଦିନଟିଏ ବି ନିଦ୍ରା ଯାଇନାହାନ୍ତି ମହାପ୍ରଭୁ

**ପୁରୀ, ୨୩/୦୭ ନ୍ୟୁଜ ବ୍ୟୁରୋ**

ଆଡ଼ପ ମଣ୍ଡପରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ପାଇଁ ଟିକେଟ୍ ବିକ୍ରିରୁ ମଧ୍ୟ ବେଶ୍ ରୋଜଗାର ହୋଇଛି । ହେଲେ ଜନ୍ମବେଦିରେ ଦାରୁବ୍ରହ୍ମ ଅନିଦ୍ରା । ମହାପ୍ରଭୁଙ୍କ ପହୁଡ଼ ସମ୍ଭବ ହେଉ ନାହିଁ । ଏହାକୁ ନେଇ ସେବାୟତ ମହଲରେ ବଡ଼ ଚର୍ଚ୍ଚା । ଅନେକ ନିଷ୍ଠାପର ସେବକ ଏନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଶୁକ୍ରବାର ଠାକୁରେ ନବ ଦିନ ଯାତ୍ରା ସାରି ବାହୁଡ଼ିବେ । ହେଲେ ଗୁଣ୍ଡିଚାଘରେ ଦିନଟିଏ ମଧ୍ୟ ନିଦ୍ରା ଯାଇନାହାନ୍ତି ମହାପ୍ରଭୁ । ୯ ତାରିଖ ନୀତିରେ ଶେଷ ଥର ପାଇଁ ପହୁଡ଼ ହୋଇଥିଲା । ଏବେ ୧୨ ଦିନ ହେଲା ଠାକୁରଙ୍କ ପହୁଡ଼ ନୀତି ସମ୍ଭବ ହୋଇ ନାହିଁ। 'ଯଥା ଦେହେ ତଥା ଦେବେ' ହେଉଛି ମହାପ୍ରଭୁଙ୍କ ଅନନ୍ୟ ନୀତି । ଲଗାତର ୧୨ ଦିନ ପହୁଡ଼ ନହେବା ନୀତି ଅଣଦେଖା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପ୍ରଶାସନ ଦର୍ଶନକୁ ଧ୍ୟାନ ଦେଇ ନୀତିକୁ ଛାଡ଼ିଥିବା ଅଭିଯୋଗ ହେଉଛି । ଯଦି ରାତି ତମାମ୍ ଦର୍ଶନାର୍ଥୀ ଠାକୁରଙ୍କୁ ଦେଖିଲେ ସକାଳକୁ ଭିଡ଼ ସମ୍ଭାଳ ପଡ଼ିଯିବ। ସେହିଭଳି ନୀତି ପରିଚାଳନାରେ ମଧ୍ୟ ଜାଣିଶୁଣି ଶିଥିଳତା ଅଣାଯାଉଥିବା କୁହାଯାଉଛି । ଧାର୍ଯ୍ୟ ସମୟରେ ଠାକୁରଙ୍କ ନୀତି ସମ୍ଭବ ହେଲେ ପହୁଡ଼ ସମ୍ଭବ ହେବା ସହ ଉପଯୁକ୍ତ ସମୟରେ ଦର୍ଶନ ମଧ୍ୟ ହୋଇପାରନ୍ତା । ଏବେ କିନ୍ତୁ ପହୁଡ଼ ନହୋଇ ରାତି ତମାମ୍ ଦର୍ଶନ ଚାଲୁଛି । ଅତ୍ୟଧିକ ଭିଡ଼କୁ ନଜର କରି ନୀତି ସହ ବୁଝାମଣା କରିଦିଆଯାଉଛି । ମହାପ୍ରଭୁ ଶୋଇ ନପାରିବାରେ ଅନେକ ସେବାୟତ କ୍ଷୋଭ ପ୍ରକାଶ କରିଛନ୍ତି । ଶୀଘ୍ର ନୀତି ହେଲେ ଭକ୍ତ ଦର୍ଶନ କରିବା ସହ ପ୍ରଭୁ କିଛି ସମୟ ନିଦ୍ରା ଯାଇପାରନ୍ତେ। ଆଗଭଳି ଗୋପାଳବଲ୍ଲଭ ଓ ସକାଳ ଧୂପ ସକାଳ ୯ଟା ମଧ୍ୟରେ ସରିଲେ ଭକ୍ତଙ୍କ ଚାପ ମଧ୍ୟ କମନ୍ତା। ହେଲେ ଠିକ୍ ଭିଡ଼ ବଢ଼ିଲା ବେଳକୁ ନୀତି ପାଇଁ ଦର୍ଶନ ମନା ହେବାରେ ଅପେକ୍ଷାରତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ି ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିଛି । ଏପଟେ ଦର୍ଶନକୁ ଧ୍ୟାନ ଦେଉଦେଉ ଠାକୁରଙ୍କ ନୀତି ଅଧାରେ ଅଟକିଯାଉଛି । ଦୈନନ୍ଦିନ ନୀତି ଗଡ଼େଇ ଚାଲିବାରେ ପହୁଡ଼ ସମ୍ଭବ ହୋଇପାରୁ ନଥିବାରୁ କ୍ଷୋଭ ପ୍ରକାଶ ପାଉଛି। ଭକ୍ତଙ୍କ ସଂଖ୍ୟା ବଢ଼ିଗଲେ ଠାକୁରଙ୍କୁ ଅନିଦ୍ରା ରଖାଯିବାକୁ ସେବାୟତମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଭକ୍ତମାନେ ମଧ୍ୟ ନିଜ ଆନନ୍ଦ ପାଇଁ ଠାକୁରଙ୍କୁ ଯନ୍ତ୍ରଣା ଦେବାକୁ ଚାହିଁବେନି। ଏଣୁ ପରିଚାଳନାକାରୀ ସଭିଙ୍କ ଭିତରେ ସମନ୍ୱୟ ଆଣି ଠାକୁରଙ୍କ ନୀତିକୁ ଶୃଙ୍ଖଳିତ କରିବାରେ ତତ୍ପରତା ଦେଖାଇବାକୁ ମତ ପ୍ରକାଶ ପାଉଛି ।

---

### ନୂଆ ଓକିଲଙ୍କୁ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପରାମର୍ଶ

# 'ସୋସିଆଲ୍ ମିଡିଆରେ ଲୋକପ୍ରିୟତା ମାନେ ବିଶ୍ୱସନୀୟତା ନୁହେଁ'

**ନୂଆଦିଲ୍ଲୀ, ୨୩/୭**

ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନବନିଯୁକ୍ତ 'ଆଡଭୋକେଟ୍ସ-ଅନ୍-ରେକର୍ଡ'ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ଆଇନ୍ ପେଷା ଆପଣାଉଥିବା ଯୁବ ଓକିଲମାନଙ୍କୁ ସଚେତନ କରାଇ ସେ କହିଛନ୍ତି ଯେ, ଅନଲାଇନରେ ସକ୍ରିୟ ରହିବା କିମ୍ବା ଲୋକପ୍ରିୟତା ହାସଲ କରିବା ସଫଳତାର ମାପଦଣ୍ଡ ନୁହେଁ । ଆଇନ୍ କ୍ଷେତ୍ରରେ ସ୍ଥାୟୀ ସମ୍ମାନ ସୋସିଆଲ୍ ମିଡିଆରୁ ନୁହେଁ, ବରଂ କୋର୍ଟରୁମ୍‌ରେ କରାଯାଉଥିବା କଠିନ ପରିଶ୍ରମ ଓ ବିଶ୍ୱସନୀୟତାରୁ ମିଳିଥାଏ। 'ବାର୍ ଆଣ୍ଡ ବେଞ୍ଚ'ର ଏକ ରିପୋର୍ଟ ଅନୁସାରେ, ସୁପ୍ରିମ୍ କୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଦ୍ୱାରା ଆୟୋଜିତ ୨୦୨୫ ବ୍ୟାଚ୍‌ର ସମ୍ବର୍ଦ୍ଧନା ସମାରୋହରେ ସିଜେଆଇ କହିଛନ୍ତି, 'ଆଜିକାଲି ସୋସିଆଲ୍ ମିଡିଆ ମାଧ୍ୟମରେ ଲୋକଙ୍କ ନଜରକୁ ଆସିବା ଓ ମୋହର ଲଗାଇ ପ୍ରସିଦ୍ଧି ପାଇବା ଖୁବ୍ ସହଜ ହୋଇଯାଇଛି । କିନ୍ତୁ ମନେରଖନ୍ତୁ, ଏହିଭଳି ଲୋକପ୍ରିୟତାର ଅର୍ଥ ବିଶ୍ୱସନୀୟତା ନୁହେଁ। ଆପଣଙ୍କୁ କୌଣସି ଟିଭି ଚ୍ୟାନେଲ୍ ଭଳି ଟିଆରପି ପଛରେ



ଧାଇଁବାକୁ ପଡ଼ିବ ନାହିଁ । ବାସ୍ତବ ସମ୍ମାନ ତାହା, ଯାହା ଆପଣ କୋର୍ଟରୁମ୍, ଆପଣଙ୍କ ସହକର୍ମୀ, କ୍ଲାଏଣ୍ଟ ଏବଂ ଓକିଲ ସଂଘ ନିକଟରୁ ଅର୍ଜନ କରନ୍ତି।' ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଏବଂ ଜଷ୍ଟିସ୍ ବିପୁଲ୍ ଏମ୍. ପଞ୍ଚୋଲୀ ମଧ୍ୟ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ସିଜେଆଇ ଯୁବ ଓକିଲମାନଙ୍କୁ ନିଜର ଦକ୍ଷତା ପ୍ରମାଣିତ କରିବା ପୂର୍ବରୁ ଲ' ଫାର୍ମ ଖୋଲିବା କିମ୍ବା ପ୍ରାକ୍ଟିସ୍ ବଢ଼ାଇବାରେ ତରବରିଆ ନହେବାକୁ ପରାମର୍ଶ ଦେଇଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଆଇନ୍ ସମ୍ବନ୍ଧୀୟ କାଗଜପତ୍ର ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ସେ କହିଛନ୍ତି କେବଳ ପଦବୀ କ୍ୟାରିଅର୍ ଗଢ଼ିନଥାଏ, ବରଂ କାମର ଗୁଣବତ୍ତା ହିଁ ଆପଣଙ୍କୁ ସଫଳତା ଦିଏ । ଲିଗାଲ୍ ଡ୍ରାଫ୍ଟିଂ ହେଉଛି ଆଇନ୍ ପେଷାର ଆତ୍ମା। ପ୍ରତ୍ୟେକ ଆବେଦନକୁ ଏମିତି ଏକ ଦମଦାର କାହାଣୀ ଭଳି ଲେଖନ୍ତୁ, ଯାହା ବିଚାରପତିଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ । ସିଜେଆଇ ନିଜର ପ୍ରାରମ୍ଭିକ ଦିନର କଥା ମନେପକାଇ କହିଥିଲେ ଯେ, ତାଙ୍କର ଡ୍ରାଫ୍ଟିଂ ଦକ୍ଷତା ଯୋଗୁଁ ଅନେକ ବରିଷ୍ଠ ଓକିଲ ମଧ୍ୟ ଜଟିଳ ମାମଲାର କାଗଜପତ୍ର ପ୍ରସ୍ତୁତ କରିବାକୁ ତାଙ୍କୁ ଦାୟିତ୍ୱ ଦେଉଥିଲେ । କୋର୍ଟ କାର୍ଯ୍ୟରେ ଏଆଇର ବ୍ୟବହାର ଉପରେ ସିଜେଆଇ ସାବଧାନ କରାଇଛନ୍ତି । ଏଆଇ କେବଳ ଗବେଷଣା ଏବଂ ତୁଳନାତ୍ମକ ଆଇନ୍ ଅଧ୍ୟୟନରେ ସହାୟକ ହୋଇପାରିବ । ଏହା କଦାପି ଜଣେ ଓକିଲର ନିଜସ୍ୱ ବୁଦ୍ଧିମତ୍ତା ଏବଂ କ୍ଲାଏଣ୍ଟର ପରିସ୍ଥିତିକୁ ବୁଝିବାର କ୍ଷମତାର ବିକଳ୍ପ ହୋଇପାରିବ ନାହିଁ। କ୍ଲାଏଣ୍ଟମାନେ ସେମାନଙ୍କର ବିବାଦ ପଛରେ ଥିବା ସତ୍ୟତା ଓ ଭାବନାକୁ ବୁଝିବା ପାଇଁ ଓକିଲଙ୍କ ପାଖକୁ ଆସନ୍ତି, ତେଣୁ ଏଆଇକୁ କେବଳ ଜଣେ ସହକାରୀ ଭାବେ ବ୍ୟବହାର କରନ୍ତୁ । ଶେଷରେ, ସିଜେଆଇ ନୂଆ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନମାନଙ୍କୁ ସେମାନଙ୍କର ସାମାଜିକ ଉତ୍ତରଦାୟିତ୍ୱ ବିଷୟରେ ମନେପକାଇ ଦେଇଥିଲେ । ଗରିବ ଓ ଅବହେଳିତ ବର୍ଗର ଲୋକମାନେ ଯେପରି ଆଇନଗତ ସହାୟତାରୁ ବଞ୍ଚିତ ନହୁଅନ୍ତି, ତାହା ନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ମାଗଣା ଆଇନ ସହାୟତା ମାମଲାଗୁଡ଼ିକୁ ନିଷ୍ଠାର ସହ ପରିଚାଳନା କଲେ ତାହା ଗୋଟିଏ ସମ୍ପୂର୍ଣ୍ଣ ପରିବାରର ଜୀବନ ବଦଳାଇଦେଇପାରେ ବୋଲି ସେ ପ୍ରକାଶ କରିଛନ୍ତି ।

---

### ଆମ ଓଡ଼ିଶା ତ୍ରିବେଣୀ ମହୋତ୍ସବ

# ଶ୍ୟାମାମଣି ଦେବୀଙ୍କୁ 'ଆମ ଓଡ଼ିଶା ଅସ୍ମିତା ସମ୍ମାନ-୨୦୨୬'

**ଭୁବନେଶ୍ୱର, ୨୩/୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶୀ ନୃତ୍ୟସଙ୍ଗୀତ ବିଶ୍ୱର କୋଣ ଅନୁକୋଣରେ ପ୍ରବେଶ କରିଛି। ଆମର ପ୍ରାଚୀନ ଐତିହ୍ୟ ଓ ସ୍ଥାପତ୍ୟରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳେ। ସଂପ୍ରତି ବହୁ ବିଦେଶୀ କଳାକାର ନିଷ୍ଠାର ସହିତ ଓଡ଼ିଶୀ ନୃତ୍ୟସଙ୍ଗୀତ ଅଧ୍ୟୟନ କରି ଏହାକୁ ବିଶ୍ୱ ଦରବାରରେ ପରିବ୍ୟାପ୍ତ କରୁଛନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଓଡ଼ିଶୀ ନୃତ୍ୟସଙ୍ଗୀତ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରମାଣ। 'ଆମ ଓଡ଼ିଶା'ର ୩୦ତମ ପ୍ରତିଷ୍ଠା ଦିବସ, ପୌରୁଷ ପତ୍ରିକାର ହୀରକ ଜୟନ୍ତୀ ଏବଂ 'ଆମ ଓଡ଼ିଶା' ସାପ୍ତାହିକୀର ସ୍ୱନକ୍ଷତ୍ର ଅବସରରେ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ ତ୍ରିବେଣୀ ମହୋତ୍ସବରେ ମୁଖ୍ୟଅତିଥି ଲବ୍ଧପ୍ରତିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରିୟମ୍ବଦା ମହାନ୍ତି ହେଜମାଦି ଏହା କହିଛନ୍ତି।

ଏହି ମହୋତ୍ସବରେ ବିଶିଷ୍ଟ ସ୍ୱରସାଧିକା ଶ୍ୟାମାମଣି ଦେବୀଙ୍କୁ 'ଆମ ଓଡ଼ିଶା ଅସ୍ମିତା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଉତ୍ତରୀୟ, ଫଳକ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ୟାମାମଣିଙ୍କର ଆତ୍ମଜୀବନୀ 'ଶ୍ୟାମା ସଙ୍ଗୀତ'ର ଲୋକାର୍ପଣ କରାଯାଇଥିଲା। ନିଜ କୃତଜ୍ଞତାରେ ଶ୍ୟାମାମଣି ଦେବୀ



କହିଲେ, ସଙ୍ଗୀତ ଓ ମାଟିର ସେବା ପାଇଁ ଜୀବନ ଶେଷ ପର୍ଯ୍ୟନ୍ତ ସଙ୍ଗୀତ ସାଧନା ଜାରି ରଖିବି। ଶ୍ରୋତାମାନଙ୍କୁ ଦୁଇପଦ ଗୀତ ଶୁଣାଇବାରେ ଯେଉଁ ଆନନ୍ଦ ତାହା ଜୀବନର ଶ୍ରେଷ୍ଠ ଉପଲବ୍ଧି ବୋଲି କହିଥିଲେ।

ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ସଭାରେ ପୌରୋହିତ୍ୟ କରି କହିଲେ, ଓଡ଼ିଆ ଭାଷାର ସୁରକ୍ଷା ଲାଗି ଆରମ୍ଭ ହୋଇଥିବା 'ଆମ ଓଡ଼ିଶା' ଅନୁଷ୍ଠାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଓଡ଼ିଆ ଭାଷାଜ୍ଞାନ, ରକ୍ତଦାନ, ପୁନଶ୍ଚ ପୃଥିବୀ ଏବଂ ଷାଠିଏ ପୂରିଲା ନୂଆ ଜୀବନ ଆରମ୍ଭ ହେଲା ଆଦି ଅଭିଯାନ ଜନାଦୃତ ହୋଇପାରିଛି। 'ସବୁଘର ସାହିତ୍ୟ ଘର ହେଉ ଏବଂ ସବୁଘର ରକ୍ତଭଣ୍ଡାର ହେଉ' ଏହି ଅଭିଯାନ ହିଁ 'ଆମ ଓଡ଼ିଶା'କୁ ରାଜ୍ୟର ସବୁଠାରୁ ବଡ଼ ପରିବାର ରୂପରେ ଗଢ଼ିତୋଳିଛି।

'ସମ୍ବାଦ' ଓ 'କନକ ନ୍ୟୁଜ୍'ର ସଂପାଦକ ତନୟା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ କହିଲେ, ସମ୍ବାଦ ଆମଓଡ଼ିଶା ରାଜ୍ୟର ହିତ ପାଇଁଅନେକ କାମ କରି ଆସୁଛି। ଶ୍ରେଷ୍ଠ ଓଡ଼ିଆ ଭାବେ ଗର୍ବ କରିବା, ସମାଜ ଗଠନର ଦାୟିତ୍ୱ ନେବା ଏବଂ ସତ୍ୟକୁ ସାହସର ସହିତ କହିବା ଆଦି ପ୍ରେରଣାଦାୟୀ କାର୍ଯ୍ୟ ଲାଗି 'ଆମ ଓଡ଼ିଶା' ପ୍ରତିଶ୍ରୁତିବଦ୍ଧ। ଏକ ଶ୍ରେଷ୍ଠ ଓଡ଼ିଶା ଗଠନ ଦିଗରେ ବ୍ୟବସ୍ଥା ଓ ବ୍ୟକ୍ତି ମଧ୍ୟରେ ଆମ ଓଡ଼ିଶା ସେତୁବନ୍ଧ ପାଲଟିଛି ବୋଲି କହିଥିଲେ।

ଆମ ଓଡ଼ିଶାର ଉପସଭାପତି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଆମ ଓଡ଼ିଶାର ଅଭିଯାତ୍ରା ସମ୍ପର୍କରେ ମତଦେଇ କହିଲେ, ଓଡ଼ିଆ ଭାଷା, ଓଡ଼ିଶାର ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ଓ ସମାଜ କଲ୍ୟାଣ ଦିଗରେ ଆମ ଓଡ଼ିଶା ନିଜକୁ ପରିବ୍ୟାପ୍ତ କରିପାରିଛି। ପୌରୁଷର ସଂପାଦକ ଅସିତ୍ ମହାନ୍ତି ପୌରୁଷ ପତ୍ରିକାର ୬ଦଶନ୍ଧିର ଯାତ୍ରା ସମ୍ପର୍କରେ କହିବା ସହିତ ପତ୍ରିକାର ପାଠକାଦୃତି କାମନା କରିଥିଲେ। ଏହି ଅବସରରେ ଆମ ଓଡ଼ିଶା ସାପ୍ତାହିକୀର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ଲୋକାର୍ପିତ ହୋଇଥିଲା। କଣ୍ଠଶିଳ୍ପୀ ସୁବ୍ରତ ବଳ ଓ ସାଥୀମାନେ 'ଶ୍ୟାମା ସଙ୍ଗୀତ' ପରିବେଷଣ କରିଥିଲେ। ଏଥିସହିତ ଶ୍ରୀ ବଳ ଓ ମର୍ଦ୍ଦଳ ବାଦକ ସୌମ୍ୟକାନ୍ତ ମଲ୍ଲିକଙ୍କୁ ଆମ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଶ୍ୟାମା ସଙ୍ଗୀତ' ପୁସ୍ତକ ପ୍ରକାଶନରେ ସହଯୋଗ ପାଇଁ ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବାଦ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଶୁଭଶ୍ରୀ ଲେଙ୍କା ସ୍ୱାଗତଭାଷଣ ଦେଇଥିଲେ। ସୁରେଶ ବର୍ଦ୍ଧନ ଓ ସାଥୀ ଥିମ୍ ସଙ୍ଗୀତ ପରିବେଷଣ କରିଥିଲେ। ଦିବ୍ୟରଞ୍ଜନ ପଣ୍ଡା ମାନପତ୍ର ପାଠ କରିଥିଲେ। ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଧନ୍ୟବାଦ ଦେଇଥିଲେ।

---

# ସୁପ୍ରିମକୋର୍ଟ ସହ ଦେଶର ସବୁ ଅଦାଲତରେ ଗଡୁଛି ୫.୬୪ କୋଟି ମାମଲା

**ଭୁବନେଶ୍ୱର, ୨୩/୦୭ ନ୍ୟୁଜ ବ୍ୟୁରୋ**

ଅଦାଲତଗୁଡ଼ିକରେ ମାମଲା ବିଚାରରେ ବହୁ ବିଳମ୍ବ ହେଉଛି । ବର୍ଷ ବର୍ଷ ଧରି ମାମଲା ପଡ଼ି ରହୁଥିବାରୁ ନ୍ୟାୟ



ମିଳିବାରେ ବିଳମ୍ବ ହେଉଛି । ସୁପ୍ରିମକୋର୍ଟ ସହ ଅନ୍ୟ ସମସ୍ତ ଅଦାଲତରେ ୫.୬୪ କୋଟିରୁ ଅଧିକ ମାମଲା ଗଡୁଛି । ରାଜ୍ୟସଭା ସାଂସଦ ଦିଲୀପ କୁମାର ରାୟଙ୍କ ଏ ସଂପର୍କିତ ପ୍ରଶ୍ନର ଏ ଉତ୍ତର ରଖିଛି କେନ୍ଦ୍ର ଆଇନ ମନ୍ତ୍ରଣାଳୟ । ରାଜ୍ୟସଭାରେ ଦେଶର ବିଭିନ୍ନ ଅଦାଲତରେ ବୃଦ୍ଧି ପାଉଥିବା ବିଚାରାଧୀନ ମାମଲା ସମ୍ପର୍କିତ ପ୍ରସଙ୍ଗ ଉଠାଇଥିଲେ । ସୁପ୍ରିମକୋର୍ଟ, ବିଭିନ୍ନ ହାଇକୋର୍ଟ ଏବଂ ଅଧସ୍ତନ ଅଦାଲତଗୁଡ଼ିକରେ ରାଜ୍ୟଭିତ୍ତିକ ବିଚାରାଧୀନ ମାମଲାର ସଂଖ୍ୟା କେତେ ଏବଂ ବର୍ଷକରୁ ଆରମ୍ଭ କରି ୩୦ ବର୍ଷରୁ ଅଧିକ ସମୟ ଧରି କେତେ ମାମଲା ପଡ଼ି ରହିଛି ଶ୍ରୀ ରାୟ ତା'ର ବିବରଣୀ ମାଗିଥିଲେ । ଏହାର ଉତ୍ତରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ୧୬ ଜୁଲାଇ ୨୦୨୬ ସୁଦ୍ଧା ସୁପ୍ରିମକୋର୍ଟରେ ୯୬,୦୨୪ଟି, ବିଭିନ୍ନ ହାଇକୋର୍ଟରେ ୬୪.୭୨ ଲକ୍ଷ ଏବଂ ଜିଲ୍ଲା ଓ ଅଧସ୍ତନ ଅଦାଲତଗୁଡ଼ିକରେ ୪.୯୮ କୋଟି ମାମଲା ବିଚାରାଧୀନ ରହିଛି । ମୋଟ ଭାବେ ଦେଶର ଅଦାଲତଗୁଡ଼ିକରେ ୫.୬୪ କୋଟିରୁ ଅଧିକ ମାମଲା ବିଚାରାଧୀନ ଅଛି । ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୧,୬୯,୩୨୦ଟି ମାମଲା ଏବଂ ରାଜ୍ୟର ଜିଲ୍ଲା ଓ ଅଧସ୍ତନ ଅଦାଲତଗୁଡ଼ିକରେ ୧୮,୬୮,୩୨୩ଟି ମାମଲା ବିଚାରାଧୀନ ରହିଛି । ସରକାର ଉତ୍ତର ଦେଇଛନ୍ତି ଯେ, ମାମଲାର ନିଷ୍ପତ୍ତି ନ୍ୟାୟପାଳିକା ଅଧୀନରେ ଥିଲେ ମଧ୍ୟ ବିଚାରାଧୀନ ମାମଲା କମାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଇ-କୋର୍ଟ ଫେଜ-୩ ପ୍ରକଳ୍ପର କାର୍ଯ୍ୟକାରିତା, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ସ୍ଥାପନ, ଏରିୟର୍ସ କମିଟି ଗଠନ ଏବଂ ଲୋକ ଅଦାଲତ ସମେତ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଭଳି ପଦକ୍ଷେପ ନିଆଯାଇଛି । ସାଂସଦ ଶ୍ରୀ ରାୟ କହିଛନ୍ତି, ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରଖିବା ପାଇଁ ସମୟୋପଯୋଗୀ ନ୍ୟାୟ ପ୍ରଦାନ ଅତ୍ୟନ୍ତ ଜରୁରୀ । ସେ ଆଶା ପ୍ରକାଶ କରିଛନ୍ତି ଯେ, ସରକାର ଓ ନ୍ୟାୟପାଳିକାଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଫଳରେ ବିଚାରାଧୀନ ମାମଲାର ଭାର ହ୍ରାସ ପାଇବ ଏବଂ ସାଧାରଣ ଲୋକ ଶୀଘ୍ର ନ୍ୟାୟ ପାଇପାରିବେ ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩/୦୭/୨୦୨୬
୨,୭୯,୨୭୦/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ





### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମୁକ୍ତାକାଶ କାରାଶ୍ରମରେ କଏଦୀ ସଂଖ୍ୟା ୪୦କୁ ବୃଦ୍ଧି

**ଭୁବନେଶ୍ୱର,୨୩/୦୭ ନ୍ୟୁଜ ବ୍ୟୁରୋ**

ଜାମୁଝରି ସ୍ଥିତ ମୁକ୍ତାକାଶ କାରାଶ୍ରମ ପରିସରରେ ବଢ଼ିଲା କଏଦୀ ସଂଖ୍ୟା । ଏବେ ଏଠାରେ କଏଦୀ ସଂଖ୍ୟା ୪୦ରେ ପହଞ୍ଚିଛି । ଏହା ପୂର୍ବରୁ ଏହି କାରାଶ୍ରମରେ ମାତ୍ର ୧୯ଜଣ କଏଦୀ ରହୁଥିଲେ। ଗତ ସପ୍ତାହରେ ରାଜ୍ୟର ବିଭିନ୍ନ ଜେଲ୍‌ରୁ ୨୧ଜଣ କଏଦୀ ଏଠାରେ ଆସି ପହଞ୍ଚିବା ପରେ ସଂଖ୍ୟା ବୃଦ୍ଧି ଘଟିଛି। ୨୦୦୩ ମସିହାରେ ଆରମ୍ଭ ହୋଇଥିଲା ଏହି ମୁକ୍ତାକାଶ କାରାଶ୍ରମ। ପୂର୍ବରୁ ନୟାଗଡ଼ ଅଞ୍ଚଳର କେତେକ ଡକାୟତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିକଟରେ ଆତ୍ମସମର୍ପଣ କରି ଏହି ନିର୍ମାଣାଧୀନ କୋଠାରେ ରହିଥିଲେ । ପରେ ସେମାନଙ୍କ କେସ୍ ବିଚାର କରାଯାଇ ସେମାନଙ୍କୁ ତାଙ୍କ ଜିଲ୍ଲାରେ ଥଇଥାନ କରାଯାଇଥିଲା । ସେହି ଘଟଣାକୁ ଦୃଷ୍ଟିରେ ରଖି ମୁକ୍ତାକାଶ କାରାଶ୍ରମକୁ 'ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ'ରେ ନାମାଙ୍କନ କରାଯାଇଥିଲା। ୨୦୦୬ ମସିହାରେ ଏଠାରେ ଶତାଧିକ କଏଦୀ ରହି ପନିପରିବା ଚାଷ କରିବା ସହ, ଗୋ-ପାଳନ ଏବଂ ୨୦ଟି ତନ୍ତ ସହାୟତାରେ ଲୁଗା ବୁଣା, ଇଟା ତିଆରି କାର୍ଯ୍ୟ କରୁଥିଲେ । ଏଥି ସହିତ କଏଦୀମାନଙ୍କ ଦ୍ୱାରା ଦଶହରା, ରାବଣପୋଡ଼ି କାର୍ଯ୍ୟକ୍ରମ ଆଦି କରାଯାଉଥିଲା । ଗେଟ୍ ସମ୍ମୁଖରେ ଉତ୍ପାଦିତ ପନିପରିବା ବିକ୍ରି କରାଯାଉଥିଲା । ଆଖପାଖ ଗ୍ରାମବାସୀମାନେ କ୍ଷୀର ଓ ସବୁଜ ପନିପରିବା ପାଇପାରୁଥିଲେ । ପରେ ପରେ କେତେକ କର୍ମଚାରୀମାନଙ୍କ ଦ୍ୱାରା ବିଶୃଙ୍ଖଳିତ ଆଚରଣ କଏଦୀମାନଙ୍କୁ ଦମନ ମୂଳକ ନୀତି ଯୋଗୁଁ କଏଦୀମାନଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଥିଲା । ଏବେ ଜେଲ୍ ବିଭାଗ ଦ୍ୱାରା ନୂତନ ଅଧୀକ୍ଷକ ନିଯୁକ୍ତି ଦ୍ୱାରା ପରିସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏବେ ପୁଣି ପୂର୍ବପରି ପନିପରିବା ଚାଷ, ବୃକ୍ଷ ରୋପଣ କାର୍ଯ୍ୟ, ଗୋସେବା, ହସ୍ତତନ୍ତ କାର୍ଯ୍ୟକ୍ରମମାନ ସୂଚାରୁ ରୂପେ ହେଉଥିବା କର୍ମଚାରୀମାନେ ଆଶା ପ୍ରକାଶ କରିଛନ୍ତି । ସୂଚନା ଥାଉକି, ଏହି କାରାଶ୍ରମରେ ୧୨୫ଜଣ କଏଦୀ ରହିବାର ବ୍ୟବସ୍ଥା ରହିଛି ।

10001/398/2627



"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା"

ରଥଯାତ୍ରା-୨୦୨୬

ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ

ଜରୁରୀ ଫୋନ୍ ନମ୍ବର :
ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮

OIPR-10001/10003/2/26-27/0040

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha